### ନିଛକ ପ୍ରେମର ପ୍ରତୀକ ବୈଷ୍ଣବ ଓ ସାମ୍ବାରୀ

# ୧୨୫ ବର୍ଷରେ ବି ନିବିଡ଼ ରହିଛି ସମ୍ପର୍କ

ଖଲ୍ଲିକୋଟ, ୧୩।୨(ସମିସ)



ପ୍ରେମମାନେ କେବଳ ଗୋଲାପ ଫୁଲ ନୁହେଁ, ପ୍ରେମ ମାନେ ହେଉଛି ଜନ୍ମଜନ୍ମର ସାଥୀ ହୋଇ ରହିବା, ଦୁଃଖରେ ହାତ ଧରିବା, ଆଉ ସୁଖରେ ମୁହଁ ଭରି ହସିବା। ପ୍ରେମ ସପ୍ତାହରେ ଏମିତି ଏକ ବାସ୍ତବ ପ୍ରେମ କାହାଣୀ ଦେଖିବାକୁ ମିଳିଛି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ଶତାୟୁ ବୃଦ୍ଧା ଦମ୍ପତିଙ୍କ କ୍ଷେତ୍ରରେ। ପରିଣତ ବୟସରେ ମଧ୍ୟ କିଏ କାହା ହାତ ଛାଡ଼ି ନାହାନ୍ତି। ଖୋଜାପଲ୍ଲୀ ଗ୍ରାମର ବୈଷ୍ଣବ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସାମ୍ବାରୀ ପ୍ରଧାନ। ଦୁହିଁଙ୍କ ବୟସ ପାଖାପାଖି ୧୦୦ ବର୍ଷ ଅତିକ୍ରମ କଲାଣି। କାହିଁ କେଉଁ କାଳୁ ଦୁହେଁ ବାଲ୍ୟ ବିବାହ କରିଥିଲେ। ଏବେ କିନ୍ତୁ ବୈଷ୍ଣବଙ୍କୁ ୧୨୫ ବର୍ଷ ବୟସ ହୋଇଥିବା ବେଳେ ସମ୍ବାରୀଙ୍କୁ ମଧ୍ୟ ୧୦୦ ବର୍ଷ ଟପିଲାଣି। କିନ୍ତୁ ଆଜି ଯାଏ କେହି କାହା ହାତ ଛାଡ଼ି ନାହାନ୍ତି। ବୟସର ଅପରାହ୍ନରେ ଦୁହିଁଙ୍କ ପ୍ରେମ କମିବା ବଦଳରେ ବଢ଼ିବାରେ ଲାଗିଛି। ଦୁହିଁଙ୍କର ନିଜର ବୋଲି ଘର ଖଣ୍ଡିଏ ନାହିଁ। ଖୋଜାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଝାଟିମାଟିର ଝୁମ୍ପୁଡ଼ି ଘର ପାଲଟିଛି ଏମାନଙ୍କ ପ୍ରେମର କୁଡ଼ିଆ।

କିଛିଦିନ ହେଲା ବୈଷ୍ଣବ ଆଉ ଚାଲି ପାରୁନାହାନ୍ତି। ବିଛଣାରେ ପଡ଼ି ରହିଛନ୍ତି। ଆଉ ସ୍ତ୍ରୀ ସମ୍ବାରୀ ଏହି ବୟସରେ ମଧ୍ୟ ସ୍ୱାମୀ ବୈଷ୍ଣବଙ୍କ ସେବା ଯତ୍ନରେ ଲାଗି ପଡ଼ିଛନ୍ତି। ଯାହା ସମ୍ବାରୀ ଓ ବୈଷ୍ଣବଙ୍କ ନିବିଡ଼ ଭଲ ପାଇବାକୁ ଦର୍ଶାଉଛି। ପ୍ରେମ ଦିବସରେ ବୈଷ୍ଣବ ସାମ୍ବାରୀଙ୍କୁ ଗୋଲାପ ଫୁଲ ଦେଇଥିବା ବେଳେ ସ୍ତ୍ରୀ ସାମ୍ବାରୀ ବିଛଣାରେ ଶଯ୍ୟାଶାୟୀ ଥିବା ସ୍ୱାମୀଙ୍କ ମୁଣ୍ଡ ଆଉଁସି ଦେଉଥିବା ଦୃଶ୍ୟ ଉପସ୍ଥିତ ଥିବା ସମସ୍ତଙ୍କୁ ଭାବବିହ୍ୱଳ କରିଥିଲା।

ଦିନକୁ ଦିନ ପ୍ରେମ ବଦନାମ୍ ହେଉଥିବା ବେଳେ କେତେବେଳେ ପ୍ରେମିକ ପ୍ରେମିକାକୁ ହତ୍ୟା କରୁଛି ତ କେତେବେଳେ ପ୍ରେମିକା ପ୍ରେମିକକୁ ହତ୍ୟା କରୁଛି। ସେପଟେ ବିବାହିତ ମହିଳା ମଧ୍ୟ ସମୟ ଅନୁସାରେ ସ୍ୱାମୀ ସହିତ ସମ୍ପର୍କ ଭାଙ୍ଗୁଥିବାର ଦେଖିବାକୁ ମିଳୁଛି। କିନ୍ତୁ ପ୍ରେମ ଆଉ ଗଭୀର ସମ୍ପର୍କ ଏହି ଦୁଇ ଶତାୟୁ ଦମ୍ପତିଙ୍କ ମଧ୍ୟରେ ଆଜି ମଧ୍ୟ ନିବିଡ଼ ହୋଇ ରହିଛି। ବାଲ୍ୟ କାଳରୁ ଆଜି ପର୍ଯ୍ୟନ୍ତ ଦୁଇ ଜଣ ଏକ ମନ ଏକ ପ୍ରାଣ ହୋଇ ଚଳି ଆସୁଛନ୍ତି। କିନ୍ତୁ ଆଜିକାଲି ପ୍ରେମ ସପ୍ତାହରେ ତିଆରି ହେଉଥିବା ପ୍ରେମ କେତେ ଦିନ ପର୍ଯ୍ୟନ୍ତ ରହେ ଓ କେତେ ପ୍ରେମ ସଫଳ ହୁଏ ତାହା କହି ହେବନି। ଆଉ ଆଜିକାଲିର ପ୍ରେମିକ, ପ୍ରେମିକା ଓ ସ୍ୱାମୀ-ସ୍ତ୍ରୀଙ୍କ ପାଇଁ ବୈଷ୍ଣବ ଓ ସମ୍ବାରୀଙ୍କ ପ୍ରେମ ନିଶ୍ଚୟ ପଥ ପ୍ରଦର୍ଶକ ସାଜିବ ଏଥିରେ ସନ୍ଦେହ ନାହିଁ।

● ଆଜି ଭାଲେଣ୍ଟାଇନ୍ ଡେ'

# ଉତ୍ସାହିତ ପ୍ରେମୀଯୁଗଳ; ସଜାଗ ବଜରଙ୍ଗ ଦଳ

ବ୍ରହ୍ମପୁର, ୧୩।୨(ସମିସ): ଶନିବାର ଭାଲେଣ୍ଟାଇନ୍ ଡେ'। ଏହି ଦିବସ ପ୍ରେମୀ ଯୁଗଳଙ୍କ ପାଇଁ ନିଆରା ଓ ସ୍ମରଣୀୟ ହୋଇଥାଏ। କାରଣ ପ୍ରେମର ବର୍ଷାରେ ପୁଲକିତ ହୋଇଥାନ୍ତି ପ୍ରେମୀଯୁଗଳ। ଭଲପାଇବା ଓ ପ୍ରେମର ସନ୍ତକଙ୍କୁ ସବୁବେଳେ ସ୍ମରଣୀୟ କରିବାକୁ ଏହି ଦିବସ ପାଳନ କରିଥାନ୍ତି ପ୍ରେମୀଯୁଗଳ। ଏଥିପାଇଁ ଏମାନଙ୍କ ମନରେ ନୂଆ ଉତ୍ସାହ ଦେଖିବାକୁ ମିଳେ।




ଶନିବାର ଭାଲେଣ୍ଟାଇନ୍ ଡେ' ପାଇଁ ବ୍ରହ୍ମପୁର ସହରର ଯୁବପିଢ଼ି ଉତ୍ସାହିତ ଓ ପ୍ରସ୍ତୁତ ଅଛନ୍ତି। ଗୋପାଳପୁର ବେଳାଭୂମି ସମେତ ବିଭିନ୍ନ ପାର୍କରେ ଭିଡ଼ ଜମିବା ଆଶଙ୍କା କରାଯାଉଛି। ସେହିଭଳି ବଜରଙ୍ଗ ଦଳ ପକ୍ଷରୁ ଏହି ଦିନକୁ ସହିଦ୍ ଦିବସ ଭାବେ ପାଳନ କରାଯିବ ବୋଲି ଜଣାଯାଇଛି। ଶନିବାର ସନ୍ଧ୍ୟାରେ ସହରର ବିଭିନ୍ନ ଅନୁଷ୍ଠାନରେ ବହୁ ସଂଗଠନ ସହିଦ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ସେହିପରି ବଜରଙ୍ଗ ଦଳ ପକ୍ଷରୁ ବିଭିନ୍ନ ପାର୍କରେ ପ୍ରେମୀ ଯୁଗଳଙ୍କୁ ମଧ୍ୟ ସଚେତନ କରାଯିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।

# ଓଷୋ ପକ୍ଷରୁ 'ସାମ୍ବାଦିକତା ଏକ ଜନସେବା' ଶୀର୍ଷକ କର୍ମଶାଳା

ଛତ୍ରପୁର, ୧୩।୨(ସମିସ): ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଷୋ) ପକ୍ଷରୁ ଏକ ବୃତ୍ତିଗତ କର୍ମଶାଳା ତଥା ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଆଲୋଚକ ଭାବେ ଦୈନିକ ଓଡିଆ ଖବର କାଗଜ 'ସକାଳ' ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଓ କନକ ଟିଭି ବ୍ରହ୍ମପୁର ବ୍ୟୁରୋ ମୁଖ୍ୟ ରାକେଶ ରୋଶନ ମହାନ୍ତି ଯୋଗ ଦେଇଥିଲେ। 'ସାମ୍ବାଦିକତା ଏକ ଜନସେବା' ଶୀର୍ଷକ ବିଷୟ ଉପରେ ଆଲୋଚକମାନେ ନିଜର ମତବ୍ୟକ୍ତ କରିବା ସହିତ ନିଜନିଜର ଦୀର୍ଘବର୍ଷର ଅଭିଜ୍ଞତା ଓ ଅନୁଭୂତିକୁ ବଖାଣିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ସ୍ଥିତି ଓ ସୁସ୍ଥ ସମାଜ ଗଠନରେ ଏହାର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ସୁଶାନ୍ତ ଦାସ, କ୍ୟାରିଅର କାଉନସେଲିଂ ସେଲର ଡଃ ଲକ୍ଷ୍ମୀନାରାୟଣ ସାହୁ, ଡଃ ପ୍ରଭାକର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆୟୋଜକ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ସଂଯୋଜିକା ସୁଶ୍ରୀ ଶୀତଳ ପୂର୍ଣ୍ଣିମା ଧନ୍ୟବାଦ ଅର୍ପଣ କରିବା ସହିତ ବିଶ୍ୱବିଦ୍ୟାଳୟରେ ଥିବା ବିଭିନ୍ନ ବିଷୟ ଓ ପାଠ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ।




# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ

ଛତ୍ରପୁର, ୧୩।୨(ସମିସ): ଜଗନ୍ନାଥ ମହାପ୍ରଭୁଙ୍କ ସହଜ ଦର୍ଶନ ପାଇଁ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଆଣିଛନ୍ତି। ଶୁକ୍ରବାର ରାଜ୍ୟର ୫ଟି ଜିଲ୍ଲାରେ ଏକା ସାଥିରେ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭ ଉଦଘାଟନ କରିଥିବାବେଳେ ଛତ୍ରପୁରର ଅନସ୍ଲୋ ମିନି ଷ୍ଟାଡିୟମଠାରୁ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରୀ ବସ୍‌ର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲାର ୫୪୦ ଜଣ ବରିଷ୍ଠ ନାଗରିକ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସୁଯୋଗ ପାଇଥିବାବେଳେ ଏଥିରେ ଗଞ୍ଜାମ ଜିଲ୍ଲାରୁ ୭୪ ଜଣ ବରିଷ୍ଠ ନାଗରିକ ରହିଛନ୍ତି। ଏମାନେ ଦୁଇଟି ସୁସଜ୍ଜିତ ଶୀତତାପ ନିୟନ୍ତ୍ରିତ ବସରେ ଛତ୍ରପୁରରୁ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନାଙ୍କ ସମେତ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମର ମୁଖ୍ୟ ପରିଚାଳକ ସଞ୍ଜୟ ବିଶ୍ୱାଳ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ହାଁସଦା ଓ ଜିଲ୍ଲା ପ୍ରଶାସନ, ପର୍ଯ୍ୟଟନ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ୫ ଜଣ ହିତାଧିକାରୀ ଯଥା କେ ଚେନେୟା ରେଡ୍ଡୀ, ପଞ୍ଚୁ ଗୌଡ଼, ଦେବ ସାହୁ, ପ୍ରମିଳା ରାଉତ ଓ ଉଦୟ ସେଠୀଙ୍କୁ ତୀର୍ଥ ଯାତ୍ରା ସମୟରେ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।




# ଫେରାର ଅଭିଯୁକ୍ତଙ୍କୁ ମାଡ଼ି ବସିଲା ମୁମ୍ବାଇ ପୁଲିସ୍

ଦିଗପହଣ୍ଡି, ୧୩।୨(ସମିସ): ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତା କଡ଼ରେ ଥିବା ଗଣେଶ ରାଇସ ମିଲ ନିକଟରେ ମୁମ୍ବାଇ ସମତାନଗର ଥାନା ଏସଆଇ ଅତୁଲ ଲାଞ୍ଜେ, କନେଷ୍ଟବଳ ମହେଶ ଧୋବୀ, ବାଲା ସାହେବ ବେଣ୍ଡାଟେ ସ୍ଥାନୀୟ ପୁଲିସ ସହାୟତାରେ ଗୁରୁବାର ରାତି ପ୍ରାୟ ୧୧ଟାରେ ଅତର୍କିତ ଚଢ଼ଉ କରି ଜଣେ ଫେରାର ଅଭିଯୁକ୍ତଙ୍କୁ ମାଡି ବସି ଗିରଫ କରିଛନ୍ତି। ସେ ହେଲେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ପଳାସପୁର ଗ୍ରାମର ବିଜୟ ଗୌଡ଼(୨୬)। ଶୁକ୍ରବାର ମୁମ୍ବାଇ ସମତାନଗର ଥାନା ଏସ.ଆଇ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟରେ ହାଜର କରାଇ ୪ ଦିନ ପାଇଁ ଟ୍ରାଞ୍ଜିଟ ରିମାଣ୍ଡ ଆବେଦନ କରିଥିଲେ। ମାଜିଷ୍ଟ୍ରେଟ ରିମାଣ୍ଡ ପାଇଁ ଅନୁମତି ଦେବାପରେ ପୁଲିସ ଟିମ୍ ଅଭିଯୁକ୍ତଙ୍କୁ ସାଙ୍ଗରେ ନେଇ ମୁମ୍ବାଇ ଅଭିମୁଖେ ଫେରିଛନ୍ତି। ମୁମ୍ବାଇ ସମତାନଗର ଥାନା ଅଧିନ ପଶ୍ଚିମ କାନ୍ଦିଭାଲିର ସଇଁଆ କନ୍‌ଷ୍ଟ୍ରକ୍‌ସନ ଶ୍ରମିକ କ୍ୟାମ୍ପରେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥାଇ ଅଭିଯୁକ୍ତ ଫେରାର ଥିଲେ। ଗତ ଜାନୁଆରୀ ୧ ବିଳମ୍ବିତ ରାତିରେ ଶ୍ରମିକ କ୍ୟାମ୍ପରେ ମହିଳା ଶ୍ରମିକ ସୁମନ ସମ୍ମୋହନ କୁଟି, ମହମ୍ମଦ ରିଜୱାନଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଅନ୍ୟ ଶ୍ରମିକମାନେ ଉଭୟଙ୍କୁ ସଂକଟାପନ୍ନ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡ଼. ବାବା ସାହେବ ଆମ୍ବେଦକର ଶତାବ୍ଦୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ସୁମନ ସମ୍ମୋହନ କୁଟି ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଫେରାର ଅଭିଯୁକ୍ତଙ୍କ ମୋବାଇଲ ସିଡିଆର ଯାଞ୍ଚ ପରେ ଲୋକେସନ ଦିଗପହଣ୍ଡି ଅଞ୍ଚଳ ଦେଖାଇଥିଲା। ମୁମ୍ବାଇ ପୁଲିସ ଡେପୁଟି କମିଶନରଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସ୍‌ଆଇ ସଦଳବଳ ଦିଗପହଣ୍ଡିରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

# ଟ୍ରାକ୍ଟର ଓଲଟି ୫ ମହିଳା ଶ୍ରମିକ ଗୁରୁତର

ପାତ୍ରପୁର, ୧୩।୨(ସମିସ): ଜରଡ଼ା ଅନ୍ତର୍ଗତ ଭୀମପୁର ଗ୍ରାମ ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିର ପାଖରେ ସଡ଼କ ଦୁର୍ଘଟଣା ଘଟିଛି। ଶ୍ରମିକ ସହିତ କିଛି ନିର୍ମାଣ ସାମଗ୍ରୀ ବୋଝାଇ କରି ଯାଉଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୫ ଜଣ ମହିଳା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ସୁରଙ୍ଗୀ ପଞ୍ଚାୟତ ଅନ୍ତର୍ଗତ କେଶପୁର ଗ୍ରାମର ଉଷା ଗୌଡ଼, ଦିବ୍ୟା ଗୌଡ଼, ମିନତୀ ଗୌଡ଼, ରମା ଗୌଡ଼ (୪୦) ଓ ବୃନ୍ଦାବତୀ ଗୌଡ଼ (୪୮)। ସେମାନେ ନିଜ ଗ୍ରାମରୁ ଟ୍ରାକ୍ଟର ଯୋଗେ ଭୀମପୁର ନିକଟରେ ଚାଲିଥିବା ଏକ ନିର୍ମାଣ କାମକୁ ଯାଉଥିବା ବେଳେ ମନ୍ଦିର ନିକଟସ୍ଥ ଜମିରେ ଯାନଟି ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ନିକଟରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବିଡିଓ ଲକ୍ଷ୍ମଣ ଚରଣ ସୋରେନ ଓ ତହସିଲଦାର ଅଶୋକ କୁମାର ପଟ୍ଟନାୟକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତିନିଜଣ ଆହତଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା କରି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଅଞ୍ଚଳରେ ବେପରୁଆ ଗାଡି ଚାଳନା ହେଉଥିବା ବେଳେ ପୁଲିସ ପକ୍ଷରୁ ହେଲମେଟ ଚେକିଂ ପାଇଁ ସାଧାରଣରେ ଦାବି ହୋଇଛି।




# ୩ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା ଘଟଣା: ୨ ଦଲାଲ ଗିରଫ

ଦିଗପହଣ୍ଡି, ୧୩।୨(ସମିସ): ତାମିଲନାଡୁ ତିରିପୁର ଜିଲ୍ଲା ପଙ୍ଗାଲୁ ଗ୍ରାମ ନିକଟ ଏକ ପାଣି ବୋର୍ ୱେଲ ଗ୍ୟାରେଜର ଏକ ଘର ମଧ୍ୟରେ ଅଟକ ଥିବା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର ୩ ନିର୍ଯାତିତ ଓଡ଼ିଆ ଶ୍ରମିକ ବି. ବୁଡୁ ରେଡ୍ଡୀ, ବି. ପୂର୍ଣ୍ଣଚନ୍ଦ୍ର ରେଡ୍ଡୀ ଏବଂ ଏସ.ଧୋବା ଦୋରାଙ୍କୁ ଗତ ବୁଧବାର ଦିଗପହଣ୍ଡି ପୁଲିସ ଟିମ୍ ସେଠାକାର ପୁଲିସ ସହାୟତାରେ ଉଦ୍ଧାର କରିଥିଲେ। ଜଣେ ଶ୍ରମିକ ଦଲାଲ ଗ୍ୟାରେଜ ମାଲିକଙ୍କୁ ଶ୍ରମିକ ଯୋଗାଇଦେଇଥିବା କହି ତାଙ୍କ ନିକଟରୁ ଶ୍ରମିକଙ୍କ ମଜୁରୀ ବାବଦରେ ଅଗ୍ରୀମ ୧୭ ହଜାର ଟଙ୍କା ନେଇଯାଇଥିଲେ। ଗ୍ୟାରେଜ ମାଲିକ ସେମାନଙ୍କୁ ସେଠାରେ କ୍ରୀତଦାସ ଭଳି ଖଟାଇବା ସହ ଏକ ଘର ଭିତରେ ନଜରବନ୍ଦୀ କରି ରଖିଥିଲେ। ଗ୍ୟାରେଜରେ ସେମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦିଆଯାଉଥିଲା। ଅଧିକା ମଜୁରୀ ମିଳିବା ଲୋଭରେ ତାମିଲନାଡୁ ଯାଇଥିବା ୩ ଶ୍ରମିକ ସେଠାରେ ଫସି ଯାଇଥିଲେ। ମଜୁରୀ ବାବଦରେ ଅଗ୍ରୀମ ୧୭ ହଜାର ଟଙ୍କାର କାମ ଆଦାୟ କରାଯିବା ପରେ ତୁମ ମାନଙ୍କୁ ଛଡାଯିବ ବୋଲି ଗ୍ୟାରେଜ ମାଲିକ ସେମାନଙ୍କୁ କହିଥିଲେ। ସେମାନଙ୍କ ପ୍ରାପ୍ୟ ମଜୁରୀ ମାଗିବାରୁ ସେଠାରେ ସେମାନଙ୍କୁ ଗ୍ୟାରେଜ ମାଲିକଙ୍କ ଇଙ୍ଗିତରେ ଦୁଇଜଣ ଶ୍ରମିକ ଦଲାଲ ନିସ୍ତୁକ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ଏସ୍. ଧୋବା ଦୋରା କୌଶଳକ୍ରମେ ଫୋନ ଯୋଗେ ସମସ୍ତ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ଧୋବାଙ୍କ ବାପା ଦୁର୍ଯ୍ୟୋଧନ ଦୋରା ଗତ ଶନିବାର ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ମାମଲା ରୁଜୁ କରିଥିଲେ। ପରେ ତାମିଲନାଡୁରେ ବନ୍ଧକ ଥିବା ଶ୍ରମିକଙ୍କ ପରିବାର ଲୋକେ ବ୍ରହ୍ମପୁର ଯାଇ ଏସ୍‌ପି ଡ଼ା. ଶ୍ରବଣା ବିବେକ ଏମ୍‌ଙ୍କୁ ସାକ୍ଷାତ କରି ସମସ୍ତ ଘଟଣା ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅଟକ ଥିବା ୩ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦିଗପହଣ୍ଡି ଥାନା ପ୍ରୋବେସନାରୀ ଏସ୍‌ଆଇ ମହାପ୍ରସାଦ ମହାନ୍ତି, ଏଏସ୍‌ଆଇ ମନୋଜ ସିଂ, ୨ କନେଷ୍ଟବଳ ଏବଂ ଶ୍ରମିକମାନଙ୍କ କିଛି ସମ୍ପର୍କୀୟ ତାମିଲନାଡୁ ଯାଇ ଅଟକ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୨ ଜଣ ଶ୍ରମିକ ଦଲାଲଙ୍କୁ ପୁଲିସ ଟିମ୍ ତାମିଲନାଡୁ କୋଏମ୍ବାଟୁର କରୁମଟାମ ପଲ୍ଲୀରୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ତାମିଲନାଡୁ ଭିରୁଥୁନଗର ଜିଲା ଭିରୁଥୁନଗର ଥାନା ଅଧିନ ରାଜପାଲାୟମ ଗ୍ରାମର କାରଥି(୨୪) ଏବଂ ତାମିଲନାଡୁ ତିରିପୁର ଜିଲା ମଙ୍ଗଳମ ଗାଁରେ ରହୁଥିବା ବଲାଙ୍ଗୀର ଜିଲ୍ଲା ପାଲନଗର ଗାଁର କ୍ଷୀରୋଦ ତାଣ୍ଡି(୨୮)। ଦିଗପହଣ୍ଡି ପୁଲିସ ଉଭୟଙ୍କୁ ସେଠାକାର ଜୁଡ଼ିସିଆଲ ମାଜିଷ୍ଟ୍ରେଟ କୋର୍ଟରେ ହାଜର କରାଇ ମାଜିଷ୍ଟ୍ରେଟଙ୍କ ଅନୁମତି କ୍ରମେ ୫ ଦିନ ରିମାଣ୍ଡରେ ଆଣି ଶୁକ୍ରବାର ଦିଗପହଣ୍ଡି କୋର୍ଟ ଚାଲାଣ କରିଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ସ୍ଥାନୀୟ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।



# ଗଞ୍ଜେଇ ସହ କାର୍ ଜବତ, ଜଣେ ଗିରଫ

ଭଞ୍ଜନଗର, ୧୩।୨(ସମିସ): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆରୁ ପୁରୀ ଜିଲ୍ଲାର ନିମାପଡ଼ାକୁ କାର୍ ଯୋଗେ ବେଆଇନ ଗଞ୍ଜେଇ ଚାଲାଣ ବେଳେ ଶୁକ୍ରବାର ଭଞ୍ଜନଗର ପୁଲିସ ଜଣକୁ କାବୁ କରିଛି। ଅଭିଯୁକ୍ତ ପୁରୀ ଜିଲ୍ଲା କାକଟପୁର ଥାନା ଗୋପୀକାନ୍ତପୁର ଗ୍ରାମର ମନୋଜ କୁମାର ଦାସ ବୋଲି ଜଣାପଡ଼ିଛି। ତାଙ୍କ ନିକଟରୁ ୧୦୬ କେଜି ୬୫୦ ଗ୍ରାମ ଗଞ୍ଜେଇ ସହ ଏକ ଧଳାରଙ୍ଗର ମାରୁତି ଡିଜାର୍ କାର, ନଗଦ ୧୨୦୦ ଟଙ୍କା ଓ ଏକ ମୋବାଇଲ ଫୋନ ଜବତ କରାଯାଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଭଞ୍ଜନଗର ଥାନା ଏସ୍‌ଆଇ ସମୀର କୁମାର ସେଠୀ ଥାନାର ଅନ୍ୟ କିଛି ଷ୍ଟାଫ୍‌ଙ୍କୁ ନେଇ ଶୁକ୍ରବାର ସକାଳ ୯ଟାରେ ଭଞ୍ଜନଗର ଫୁଲବାଣୀ ରାସ୍ତାର ଖାରିଗୁଡା ଟୋଲ୍ ଗେଟ୍ ନିକଟରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଅଭିଯୁକ୍ତ ଜଣକ ନିଜର କାରରେ ଗଞ୍ଜେଇ ନେଇ ଆସୁଥିବା ସମ୍ପର୍କରେ ଖବର ପାଇ ପୁଲିସ ଟିମ୍ ଖାରିଗୁଡା ଟୋଲ ଗେଟ୍ ଠାରେ ଉକ୍ତ କାର୍ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କାର୍ ଗାଡିରୁ ୪ ବସ୍ତା ଗଞ୍ଜେଇ ବାହାରିଥିଲା। ପରେ ମାଜିଷ୍ଟ୍ରେଟ ତଥା ସହାୟକ ଜିଲ୍ଲାପାଳ ଜୀବନଜ୍ୟୋତି ନାୟକଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ କେସ ନମ୍ବର ୧୪୪/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି। ଏବେ କନ୍ଧମାଳ ଜିଲ୍ଲାରୁ ଭାୟା ଭଞ୍ଜନଗର ଦେଇ ପ୍ରତିଦିନ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏବେ ଏହା ଗଞ୍ଜେଇ ଚାଲାଣ କରିଡର୍ ପାଲଟିଥିବା ଅଭିଯୋଗ ଉଠୁଛି। ବିଭିନ୍ନ ଉପାୟରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏବେ ଏଥିରେ କୋମଳମତି ନାବାଳକ ନାବାଳିକାଙ୍କ ଠାରୁ ଆରମ୍ଭ କରି ମହିଳା ଓ ଯୁବ ବର୍ଗଙ୍କୁ ସାମିଲ କରାଯାଉଛି। ଯାହାକି ଉଭୟ ପୁଲିସ ଓ ଅବକାରୀ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି।

# ବିପଦକୁ ଡାକୁଛି ହୋର୍ଡିଂ ବୋର୍ଡ

ବୁଗୁଡ଼ା, ୧୩।୨(ସମିସ): ବୁଗୁଡା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ରାସ୍ତା କଡସ୍ଥ ଏକ ହୋର୍ଡ଼ିଂ ବୋର୍ଡର ଲୁହା ଫ୍ରେମଟି ରାସ୍ତା ଉପରକୁ ଢଳି ରହିଛି। ଫଳରେ କେତେବେଳେ କାହା ଉପରେ ପଡ଼ିଯିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ମୁଖ୍ୟ ସଡକ ସହ ସଂଯୁକ୍ତ ରାସ୍ତା କଡରେ ଥିବା ଏହି ଲୁହା ଫ୍ରେମଟି ରାସ୍ତା ଉପରକୁ ଢଳି ରହିଥିବାରୁ ସେହି ପଟରେ କୌଣସି ବଡ ଗାଡି ସହଜରେ ଯାତାୟତ କରିପାରୁନାହିଁ। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ଏହି ସମସ୍ୟାଟି ରହିଥିବାରୁ ତାହାର କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିବା ଯୋଗୁଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



### ଏପିଓ, ସରପଞ୍ଚ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର

# ବିଡିଓଙ୍କ ବିରୋଧରେ ଥାନାରେ ଅଭିଯୋଗ

ସାନଖେମୁଣ୍ଡି, ୧୩।୨(ସମିସ)

ଆଗକୁ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ସାନଖେମୁଣ୍ଡି ବିଡ଼ିଓଙ୍କ ବିବାଦ ଘନେଇବାରେ ଲାଗିଛି। କେତେବେଳେ 'ସାମ୍ବାଦିକକୁ ପ୍ରବେଶ ନିଷେଧ' ପୋଷ୍ଟର ମାରି ବିବାଦରେ ରହୁଥିବା ବେଳେ ଆଉ କେତେବେଳେ ଲୋକ ପ୍ରତିନିଧି, ଶାସକ ଦଳର ରାଜନୈତିକ ବ୍ୟକ୍ତି ବିଶେଷ ତ କେତେବେଳେ ନିଜ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏଥି ସହିତ ଥାନାରେ ଅଭିଯୋଗ ମଧ୍ୟ ହୋଇଥିବା ସୂଚନା ମିଳିଛି। ଗତ ୨୦୨୫ ଜାନୁୟାରୀ ୨୦ରେ ବ୍ଲକ କାର୍ଯ୍ୟାଳୟକୁ ସାମ୍ବାଦିକକୁ ପ୍ରବେଶ ନିଷେଧ ପୋଷ୍ଟର ମାରିବା ପରେ ରାଜ୍ୟରେ ସମସ୍ତ ସାମ୍ବାଦିକ ଏହାକୁ ବିରୋଧ କରିବା ସହ ଦୃଢ଼ ନିନ୍ଦା କରିଥିଲେ। ଏଭଳି କି ସଧାରଣ ଜନତା ମଧ୍ୟ ଘଟଣାକୁ ସମାଲୋଚନା କରିଥିଲେ। ସେତେବେଳେ ସେହି ଘଟଣା ବେଶ୍ ଚର୍ଚ୍ଚାରେ ଥିବା ବେଳେ ପୋଷ୍ଟର ହଟାଇ ଥିଲେ ବିଡିଓ ତା ସହିତ ସାମ୍ବାଦିକଙ୍କୁ କାର୍ଯ୍ୟାଳୟ ଡକାଯାଇଥିଲା। ସେହି ଘଟଣା ପରେ ପରେ କିଛି ଜନପ୍ରତିନିଧିଙ୍କ ସହ ମଧ୍ୟ ବିଡିଓଙ୍କ ଅନେକ ସମୟରେ ଯୁକ୍ତିତର୍କ ପାଟିତୁଣ୍ଡ ହେଉଥିବାର ନଜିର ରହିଛି। ପୁଣି କିଛିଦିନ ପରେ ଶାସକ ଦଳର ବିଜେପି ଯୁବ ମୋର୍ଚ୍ଚା ଉପ ସଭାପତି ଚିନ୍ମୟ ରେଡିଙ୍କ ସହ ଯୁକ୍ତିତର୍କ ହୋଇଥିଲା। ସେହି ଘଟଣାର ପ୍ରାୟ ୨ ମାସ ନ ପୁରୁଣୁ ପୁଣି ମୌଳାଭଞ୍ଜା ସରପଞ୍ଚ ପ୍ରତିନିଧି ପିଣ୍ଟୁ ସେଠୀଙ୍କୁ ଦୁର୍ବ୍ୟବହାର ସହ କାର୍ଯ୍ୟାଳୟରୁ ନ ଆସିବାକୁ ଧମକ ଦେଇଥିଲେ। ପୁଣି ଗୋଟିଏ ଦିନର ବ୍ୟବଧାନ ପରେ ସାନଖେମୁଣ୍ଡି ବ୍ଲକରେ କାର୍ଯ୍ୟରତ ଏପିଓ ଅରୁଣ କୁମାର ସ୍ୱାଇଁଙ୍କୁ ନିଜ ପ୍ରକୋଷ୍ଠକୁ ଡାକି ମୋବାଇଲ୍ ମାଗିବା ସହ ନାନା ଭାଷାରେ ଗାଳିଗୁଲଜ କରିଥିବାରୁ ଏପିଓ ପାଟପୁର ଥାନା, ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଘଟଣା ଘଟିବା ଦିନ କ୍ୱାର୍ଟର ଛାଡ଼ିବା ପାଇଁ ବ୍ୟାକ୍ ଡେଟ୍‌ରେ ଚିଠି କରିଛନ୍ତି। ପୂର୍ବରୁ ସାନଖେମୁଣ୍ଡି ବିଡିଓ କିଛି ନିର୍ଦ୍ଦିଷ୍ଟ କନିଷ୍ଠ ଯନ୍ତ୍ରୀଙ୍କ ବିନା କାର୍ଯ୍ୟରେ ମ୍ୟାଟେରିଆଲ କିଛି ନିର୍ଦ୍ଦିଷ୍ଟ ଭେଣ୍ଡରଙ୍କ ନିକଟରେ ବୁକିଙ୍ଗ କରିବାକୁ କହିଥିବା ବେଳେ ଏପିଓ ଏହାକୁ ବିରୋଧ କରିବାରୁ ଗାଳିଗୁଲଜ କରିଥିବା ଏପିଓ ଶ୍ରୀ ସ୍ୱାଇଁ ଜଣାଇଛନ୍ତି।

**'ସାମ୍ବାଦିକଙ୍କୁ ପ୍ରବେଶ ନିଷେଧ' ପୋଷ୍ଟର ମାରି ବିବାଦରେ ଥିଲେ**

ଏନେଇ ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି, ବିଡ଼ିଓଙ୍କ ନାମରେ ଯେଉଁ ଦୁଇଟି ଅଭିଯୋଗ ହୋଇଛି ତାହା ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅପରପକ୍ଷେ ଘଟଣା ସମ୍ପର୍କରେ ବିଡିଓଙ୍କୁ ସମ୍ପର୍କ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନାହିଁ।

# କିଲର୍ ହଳଦିଆପଦର ଓଭର ବ୍ରିଜ୍‌ର ବଦଳିବ ଢାଞ୍ଚା






## ୧୬ ତାରିଖରେ ତଦାରଖ କରିବେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍

ବ୍ରହ୍ମପୁର, ୧୩।୨ (ସମିସ): ଏକାଧିକ ମୁଣ୍ଡ ନେବା ପରେ ଏବେ ବଦଳିବ ହଳଦିଆପଦର ଓଭର ବ୍ରିଜ୍ (କିଲର୍ ବ୍ରିଜ୍)ର ଢାଞ୍ଚା। ୧୬ ତାରିଖରେ ତଦାରଖ କରିବେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍।

ଏହି ଓଭର ବ୍ରିଜରେ ଟ୍ରକ ଧକ୍କାରେ ୫ଜଣଙ୍କ ମୃତ୍ୟୁ ପରେ ନିର୍ମାଣ ଢାଞ୍ଚାରେ ଥିବା ତ୍ରୁଟିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଦୁର୍ଘଟଣା ପରେ ସହରବାସୀ ଏହି ବ୍ରିଜକୁ କିଲର୍ ବ୍ରିଜ ବୋଲି ସମ୍ବୋଧନ କରିବାକୁ ପଛାଇ ନାହାନ୍ତି। ଓଭରବ୍ରିଜର ନିର୍ମାଣ ସମୟରେ କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜମି ପାଇଁ ଏହାର ନକ୍ସାକୁ ଉଦ୍ଦେଶ୍ୟମୂଳକ ଭାବେ ବଦଳାଯାଇଥିବା ଯୋଗୁ ପ୍ରାରମ୍ଭରୁ ଏଭଳି ଏକାଧିକ ଅଘଟଣ ଘଟିବାରେ ଲାଗିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚାପରେ ତତ୍କାଳୀନ ନିର୍ବାହୀଯନ୍ତ୍ରୀ ଏଭଳି ଅଙ୍କାବଙ୍କା ବ୍ରିଜ ନିର୍ମାଣ କରିଥିବାରୁ ଲୋକଙ୍କ ଜୀବନ ଯାଉଥିବା ନେଇ ନିର୍ବାଚିତ ଜନପ୍ରତିନିଧିଙ୍କ ଠାରୁ ସାଧାରଣ ଜନତା ସମସ୍ତେ ଅଭିଯୋଗ କରିଛନ୍ତି। ଏନେଇ ଖୋଦ୍ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖିଥିବା ବେଳେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଳମ୍ବରେ ହେଲେ ମଧ୍ୟ ଏଭଳି ଅଭିଯୋଗକୁ ସ୍ୱୀକାର କରିଥିଲେ। ଏବଂ ବ୍ରିଜର ନକ୍ସାରେ ପରିବର୍ତ୍ତନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ରିଜର ନିର୍ମାଣ ଶୈଳୀ ଓ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ଆସନ୍ତା ୧୬ତାରିଖରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବ ବୋଲି ଜଣାପଡିଛି। ଓଭରବ୍ରିଜକୁ ଦେଖିଲେ ଯେ କେହି କହିପାରିବ ଏହା ଏକ ଅଙ୍କାବଙ୍କା ଓ ଅଣଓସାରିଆ ଓଭରବ୍ରିଜ। ଫୁଟପାଥ ଓ ମୁଖ୍ୟରାସ୍ତା ସମ୍ପୂର୍ଣ୍ଣ ଲାଗି ରହିଛି ଏପରିକି ସର୍ଭିସ ରୋଡ ମଧ୍ୟ ନାହିଁ। ଯଦ୍ୱାରା ସାମାନ୍ୟ ଅସାବଧାନତା ହେଲେ ସୁନିଶ୍ଚିତ ଦୁର୍ଘଟଣା ଘଟି ଜୀବନ ଯିବ। ଏହି ଓଭରବ୍ରିଜ ନିର୍ମାଣ ପରଠାରୁ ଏଠାରେ ୨୦ରୁ ଉଦ୍ଧ୍ୱର୍ ବ୍ୟକ୍ତିଙ୍କ ଜୀବନ ଗଲାଣି। ପୂର୍ବରୁ ଏହି ରାସ୍ତାରେ ଏକ ରେଳବାଇ ଲେଭୁଲ କ୍ରସିଂ ଥିବାରୁ ଦୁର୍ଘଟଣା ଘଟୁଥିଲା। ଯେଉଁଥିପାଇଁ ଏଠାରେ ଏକ ଓଭର ବ୍ରିଜ ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ଜିପିଏସ୍ ଫୋଟ ପ୍ରକାରେ ଲାଲ ଚିହ୍ନଟ ରାସ୍ତା ଦେଇ ରେଳଧାରଣା ଉପରେ ଓଭର ବ୍ରିଜ ଯାଇ କିଛି ଦୂରରେ ଜାତୀୟ ରାଜପଥକୁ ସଂଯୋଗ କରିଥାନ୍ତା। ଉକ୍ତ ରାସ୍ତାରେ ପ୍ରାୟ ୧୫ଏକରରେ ନୟନଝୋରି, ଅନାବାଦୀ, ଆଡ଼ି ଓ ଜଳାଶୟ ଭଳି ବିଭିନ୍ନ କିସମର ସରକାରୀ ଜମି ରହିଛି। ଉକ୍ତ ରାସ୍ତା ଉପରେ ଓଭର ବ୍ରିଜ ଯାଇଥିଲେ ସରକାରଙ୍କୁ କୌଣସି ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ଦେବାକୁ ପଡ଼ିନଥାନ୍ତା। କିନ୍ତୁ ରାଜନେତା ଓ ବିଲ୍ଡରଙ୍କ ଜମି ଉପର ଦେଇ ଓଭର ବ୍ରିଜକୁ ନେଇ ସେମାନଙ୍କୁ ଦୁଇଗୁଣା ଲାଭ ମିଳୁଥିବା ଅଭିଯୋଗ ହୋଇଛି। ଫଳରେ ସରକାରଙ୍କ ଠାରୁ କ୍ଷତିପୂରଣ ପାଇବା ସହିତ ଜମି ମାଲିକମାନେ ପରବର୍ତ୍ତି ସମୟରେ ପୁଣି ଓଭରବ୍ରିଜ ତଳ ଜମିକୁ ପ୍ଲଟ ଭାବେ ବିକ୍ରି କରି ଭଲ ମୁନାଫା କମାଇଛନ୍ତି। ଏଭଳି କାର୍ଯ୍ୟ ଅକ୍ଷମଣୀୟ ବୋଲି ଦର୍ଶାଇବା ସହ ଖୁବ୍‌ଶୀଘ୍ର ବ୍ରିଜ ନିର୍ମାଣରେ ଥିବା ସମସ୍ୟାରେ ସୁଧାର ଆଣାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

## ନାବାଳକ ହତ୍ୟା ମାମଲା: ଯୁବକଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର,୧୩।୨(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଇଲାକାରେ ଘଟିଥିବା ଏକ ସ୍ପର୍ଶକାତର ହତ୍ୟା ଘଟଣାର ଅଭିଯୁକ୍ତକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜଣେ ୪ବର୍ଷର ଶିଶୁପୁତ୍ର ସହିତ ଅପ୍ରାକୃତିକ ଯୌନସମ୍ପର୍କ ସ୍ଥାପନ କରି ପରେ ହତ୍ୟା କରିବା ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଣତୀ ପଟ୍ଟନାୟକ ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ଜଣକ ହେଲେ ଧରାକୋଟର ସୁକାନ୍ତ ସେଠୀ ଓରଫ୍ ଶ୍ରୀକାନ୍ତ(୨୬)। ଜେଲ୍ ଦଣ୍ଡ ସହିତ ୨୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ୨ଲକ୍ଷଟଙ୍କା ପ୍ରଦାନ କରିବାକୁ ଡିଏଲ୍‌ଏସ୍‌ଏ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଗତ ୨୦୨୩ ଜାନୁଆରୀ ୨୪ରେ ଧରାକୋଟ ଥାନା ଇଲାକାର ଏକ ଗାଁରେ ଜଣେ ୪ବର୍ଷର ଶିଶୁପୁତ୍ର ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲା। ପରିବାରବର୍ଗ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ସାହିର ଏକ ଘର ଛାତ ଉପରୁ ନିଖୋଜ ଶିଶୁର ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ପୁଲିସ ସେହି ଘରେ ରହୁଥିବା ଶ୍ରୀକାନ୍ତକୁ ଅଟକ ରଖି ଜେରା କରିଥିଲା। ଜେରାବେଳେ ଶ୍ରୀକାନ୍ତ ଶିଶୁପୁତ୍ରକୁ ଅପହରଣ କରି ତା' ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ ପରେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲା। ଏହି ମାମଲାରେ ଧରାକୋଟର ତତ୍କାଳୀନ ଥାନା ଅଧିକାରୀ ମମତା କୁମାରୀ ସାମନ୍ତରା ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ମାମଲାର ବିଚାରଣା ବେଳେ ମୋଟ ୧୭ଜଣ ସାକ୍ଷୀଙ୍କ ବୟାନ ରେକଡର୍ କରାଯାଇଥିଲା। ଆବଶ୍ୟକ ବୟାନ ଓ ପ୍ରମାଣକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବିୟୋଗରେ ଚନ୍ଦ୍ରଶେଖରଙ୍କ ଶୋକ

ବ୍ରହ୍ମପୁର,୧୩।୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନଠାରେ ବିୟୋଗ ହୋଇଯାଇଛି। ଏନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଚନ୍ଦ୍ରଶେଖର ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ଓଡ଼ିଶା ଜଣେ ଦକ୍ଷ ସଂଗଠନ ଓ ରାଜନେତାଙ୍କୁ ହରାଇଲା ବୋଲି ଶ୍ରୀ ସାହୁ କହିଛନ୍ତି।

## ମା'କୁ ମାଡ଼ମାରି ପୁଅ ଗିରଫ

ବ୍ରହ୍ମପୁର,୧୩।୨(ସମିସ): ନିଜ ଜନ୍ମ କଲା ମା'କୁ ମାଡ଼ ମାରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଲକ୍ଷ୍ମୀନୃସିଂହ ସାହିର ଲବ ସେଠୀ (୨୮)। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଲବ ନିୟମିତ ମା'କୁ ଟଙ୍କା ମାଗିବା ସହ ନଦେଲେ ଗାଳିଗୁଲଜ କରେ। ଗତ ୧୦ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ସାନପୁଅ ଲବ ପ୍ରତିଦିନ ଭଳି ମା'କୁ କିଛି ଟଙ୍କା ମାଗିଥିଲା। ମାତ୍ର ଟଙ୍କା ନଥିବା ମା' କହିବାରୁ ଲବ ମାର୍‌ପିଟ କରିଥିଲା। ଖଣ୍ଡିଆଖାବରା ହୋଇ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଲବକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ରାମନାଟକ ଗୁରୁ କୃଷ୍ଣ ସାମଲଙ୍କ ବିୟୋଗରେ ଶୋକସଭା



ବ୍ରହ୍ମପୁର,୧୩।୨(ସମିସ): ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ହରିଡ଼ାଖଣ୍ଡି ରାମ ନାଟକ ଆଖଡ଼ା ପରିସରରେ ବରିଷ୍ଠ ରାମନାଟକ ଗୁରୁ କୃଷ୍ଣ ସାମଲ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଯାଇଛି। ନାଟ୍ୟ ନିର୍ଦ୍ଦେଶକ ଅରୁଣ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଏବଂ ଉପମହାସଚିବ ପ୍ରଦୀପ କୁମାର ସାହୁ ଯୋଗଦେଇ ଗୁରୁ କୃଷ୍ଣ ସାମଲଙ୍କ ରାମନାଟକ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ଅବର୍ତ୍ତମାନ ଲୋକନାଟକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ଶ୍ରୀ ସାମଲଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

● ଗୋବା ତୋଫାନ ସ୍ୱାଇଁ ହତ୍ୟା ମାମଲା

## ପୁଣି ଜଣେ ଗିରଫ; ୧୦ରେ ପହଞ୍ଚିଲା ସଂଖ୍ୟା

ଛତ୍ରପୁର,୧୩।୨(ସମିସ): ଗାଁ କୋଠ ସମ୍ପତ୍ତି ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛତ୍ରପୁର ଥାନା ଗୋବା ଗ୍ରାମରେ ୧ ଜୁଲାଇ ୨୦୨୫ରେ ଗୋଷ୍ଠୀ ସଂଘର୍ଷ ଘଟି ତୋଫାନ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଆହତ ହୋଇଥିଲେ। ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଗୋବା ଗ୍ରାମର ଅମର ସ୍ୱାଇଁକୁ ଛତ୍ରପୁର ପୁଲିସ ଗିରଫ କରିଛି। ଅମରଙ୍କୁ ମିଶାଇ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନା ଥାଉକି, ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ବାଦବିବାଦରୁ ଜୁଲାଇ ୧ ଦିନ ଗୋଷ୍ଠିର ଆକ୍ରମଣରେ ଅପର ଗୋଷ୍ଠୀର ଜଣଙ୍କ ଜୀବନ ଯାଇଥିବା ବେଳେ ୪ ଆହତ ହୋଇଥିଲେ। ସୁଧୀର କୁମାର ସ୍ୱାଇଁଙ୍କ ଏତଲା ଅନୁସାରେ ଛତ୍ରପୁର ଥାନା ପକ୍ଷରୁ ନଂ.୪୦୫/୨୫ ରେ ଏକ ମାମଲା ରୁଜୁ କରି ପୂର୍ବରୁ ୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ଆକ୍ରମଣ-ପ୍ରତିଆକ୍ରମଣ; ଉଭୟ ପକ୍ଷର ୭ ଗିରଫ

ବ୍ରହ୍ମପୁର,୧୩।୨(ସମିସ): ଗୋସାଣିନୂଆଗାଁ ଥାନା ଅନ୍ତର୍ଗତ ବେଢ଼ାବନ୍ଧ ସାହିରେ ୨ ପକ୍ଷ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ଘଟଣାରେ ପୁଲିସ ଉଭୟ ପକ୍ଷର ୭ ଜଣଙ୍କୁ ଗିରଫ କରିଛି। ଗୋଟିଏ ପକ୍ଷର ଅଭିଯୁକ୍ତ ହେଲେ ବିଜୟ କୁମାର ବେହେରା(୨୨) ତାଙ୍କ ସହଯୋଗୀ କୁମାର ବେହେରା(୧୯), ରଥ ବେହେରା(୨୨), ବାସୁଦେବ ବେହେରା(୧୯), କାର୍ତ୍ତିକ ନାୟକ(୨୭) ଓ ଦେବପ୍ରସାଦ ରଥ(୨୦)। ଅନ୍ୟପକ୍ଷର ଅଭିଯୁକ୍ତ ହେଲେ ଆକାଶ ମହାରଣା(୨୨)। ସୂଚନାଥାଉ କି, ୨ ଦିନ ତଳେ କୌଣସି କାରଣରୁ ବେଢ଼ାବନ୍ଧ ସାହି ଠାରେ ଆକାଶ ମହାରଣା ବିଜୟଙ୍କୁ ଆକ୍ରମଣ କରିଥିଲେ। ରାତିରେ ବିଜୟ ନିଜ ସହଯୋଗୀଙ୍କୁ ଧରି ଆକାଶଙ୍କ ଘର ନିକଟରେ ପହଞ୍ଚି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଉଭୟ ପକ୍ଷରୁ ଅଭିଯୋଗ ପରେ ପୁଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଉଭୟ ପକ୍ଷର ୭ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ତୃତୀୟ ଦିନରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ

## ଅନୁରାଧାଙ୍କ ସଂଗୀତରେ ଝୁମିଲେ ଦର୍ଶକ



ବ୍ରହ୍ମପୁର, ୧୩।୨ (ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ତୃତୀୟ ଦିନରେ ପହଞ୍ଚିଛି। ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ନିଜନିଜର ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ଜିଲ୍ଲା ସଭାପତି ସରୋଜ ସାବତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଭବାନୀଶଙ୍କର ମିଶ୍ର, ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘ ସଭାପତି ବିଜୟ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଓ କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପାଥିକ୍, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସାଳୟ ସମ୍ବନ୍ଧିତ ପ୍ରଦର୍ଶନୀ ଷ୍ଟଲରୁ ଜନସାଧାରଣ ବିଭିନ୍ନ ସେବା ନେଇଥିଲେ। ବିଭିନ୍ନ ଅଭିଜ୍ଞତା ଡାକ୍ତରଙ୍କ ଠାରୁ ମଧୁମେହ, କିଡନୀ, ହୃଦରୋଗ, ଚର୍ମ ରୋଗ, ସ୍ତ୍ରୀ ଓ ପ୍ରସୂତୀ ରୋଗର ଚିକିତ୍ସା ଓ ନିରାକରଣ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ମହୋତ୍ସବ ଚଳିତ ମାସ ୧୫ତାରିଖ ପର୍ଯ୍ୟନ୍ତ ଜାରି ରହିବ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଡ଼ା. ଅନୁରାଧା ପାଣିଗ୍ରାହୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିବା ବେଳେ ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର ଦର୍ଶକଙ୍କୁ ବେଦମ୍ ହସାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ଉପ ସଭାପତି ଯଜ୍ଞ ନାରାୟଣ ଦାସ, ସଂଗଠନ ସମ୍ପାଦକ ସୀତାଂଶୁ ପଣ୍ଡା, ଡା. କିରଣ କୁମାର ପାଣିଗ୍ରାହୀ, ସମ୍ବିତ ସାବତ, ନବୀନ ମହାପାତ୍ର, ମନୋଜ ପତି ଓ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଅଣଓସାରିଆ ରାସ୍ତାରେ ନିୟମିତ ଘଟୁଥିଲା ଦୁର୍ଘଟଣା

## ୧୦ ଜବରଦଖଲ ଘର ଉଚ୍ଛେଦ କଲା ପ୍ରଶାସନ




ବ୍ରହ୍ମପୁର,୧୩।୨(ସମିସ): ଶିଳ୍ପାଞ୍ଚଳ ରେଳବାଇ ଓଭରବ୍ରିଜ୍ ନିକଟସ୍ଥ ଅଣଓସାରିଆ ରାସ୍ତାରେ ଦୁର୍ଘଟଣା ବଢ଼ି ଚାଲିଥିବା ଅଞ୍ଚଳବାସୀ ଦୀର୍ଘଦିନ ଧରି ଅଭିଯୋଗ କରୁଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ତତ୍ପର ହୋଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଜି ଜବରଦଖଲ କରିଥିବା ୧୦ଟି ଘରକୁ ଉଚ୍ଛେଦ କରିଛି। ଆଗକୁ ଆହୁରି ବହୁ ଘର ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଉକ୍ତ ଓଭର ବ୍ରିଜ ୟୁ-ଟର୍ଣ୍ଣ କରିବା ବେଳେ ନିକଟରେ ଏକ ବଡ଼ କୋଠାଘର ରହିଥିଲା। ବିପଦସଂକୁଳ ଉକ୍ତ କୋଠାର ଅଧା ଅଂଶକୁ ଆଜି ଭଙ୍ଗା ଯାଇଛି। ଶନିବାର ପୁଣି ଉକ୍ତ କୋଠାର ଅବଶିଷ୍ଟ ଅଂଶ ସହିତ ଅନ୍ୟଘର ଗୁଡିକୁ ଭଙ୍ଗାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ୨୦୧୦ରେ ଆଙ୍କୁଲି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ କିଛି ଅଂଶରେ ଉଚ୍ଛେଦ କାର୍ଯ୍ୟ ହୋଇଥିଲେ ହେଁ ଆବଶ୍ୟକ ଅଞ୍ଚଳ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇନଥିଲା। ଏଠାରେ ପ୍ରାୟ ୧୫ଟି ଘର ଥିବା ଜଣାପଡିଛି। ୨୦୧୬ରେ ବ୍ରିଜ୍ କାମ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ବ୍ରିଜ୍ ପାଶ୍ୱର୍ରେ ଥିବା ରାସ୍ତା ଜବରଦଖଲରେ ରହିଯାଇଥିଲା। ଯେଉଁମାନଙ୍କ ଘର ଭଙ୍ଗାଯାଇଥିଲା ସେମାନେ କ୍ଷତିପୂରଣ ପାଇଥିଲେ କିନ୍ତୁ ଅନେକ ସ୍ଥାନରୁ ଜବରଦଖଲ ହଟି ନଥିଲା। ଫଳରେ ରାସ୍ତା ଅଣଓସାରିଆ ରହି ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଆଜି ଜିଲ୍ଲା ପ୍ରଶାସନ ଓ ପୁଲିସ ଉପସ୍ଥିତିରେ ୪ଟି ଜେସିବି ମାଧ୍ୟମରେ ଉଚ୍ଛେଦ କରାଯାଇଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ୧୦ହଜାରରୁ ଅଧିକ ଲୋକ ଯାତାୟାତ କରୁଛନ୍ତି। ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପୂର୍ବରୁ କୌଣସି ଠୋସ ପଦକ୍ଷେପ ନିଆଯାଇନଥିଲା। ତେବେ ଆଜିର ଉଚ୍ଛେଦକୁ ଅଞ୍ଚଳବାସୀ ସମର୍ଥନ କରିଛନ୍ତି। ରାସ୍ତା ପ୍ରଶସ୍ତ ହେଲେ ଦୁର୍ଘଟଣା କମିବା ସହିତ ଯାତାୟାତରେ ସୁବିଧା ହେବ ବୋଲି ଅଞ୍ଚଳବାସୀ କହିଛନ୍ତି। ଉଚ୍ଛେଦ ବେଳେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ତହସିଲଦାର ରାକେଶ ପରିଡ଼ାଙ୍କ ସମେତ ବହୁ ଯନ୍ତ୍ରୀ ଉପସ୍ଥିତ ଥିଲେ।

● ଚିକିତ୍ସା ଅବହେଳା ଅଭିଯୋଗ

## ସିଡିଏମ୍‌ଓଙ୍କ ଦ୍ୱାରସ୍ଥ ହେଲେ କୁକୁଡାଖଣ୍ଡି ବାସିନ୍ଦା

ବ୍ରହ୍ମପୁର,୧୩।୨(ସମିସ): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ସଠିକ ଚିକିତ୍ସା ଯୋଗାଇ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଏନେଇ କୁକୁଡ଼ାଖଣ୍ଡି ଗ୍ରାମର ବହୁ ମହିଳା ଓ ପୁରୁଷ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡ଼ିଏମଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ନିର୍ଦ୍ଦିଷ୍ଟ ଡ଼ାକ୍ତର ରୋଗୀଙ୍କ ଚିକିତ୍ସାରେ ଅବହେଳା କରିବା ସହ ବିଭିନ୍ନ ସମୟରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଥିବା କେ. କ୍ରିଷ୍ଣା କୁମାରୀ ଅଭିଯୋଗ କରିଛନ୍ତି। ସେହିପରି



ପ୍ରସବ ଯନ୍ତ୍ରଣାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଗର୍ଭବତୀ ମହିଳାଙ୍କ ଚିକିତ୍ସା ଓ ପ୍ରସବ କରାଇବା ପରିବର୍ତ୍ତେ ତାଙ୍କୁ ଏମ୍‌କେସିଜି ମେଡ଼ିକାଲକୁ ଯାଇ ଚିକିତ୍ସା କରିବାକୁ କହୁଥିବା ଅଭିଯୋଗ କରିଛନ୍ତି। ଉକ୍ତ ଡ଼ାକ୍ତର ଜଣଙ୍କ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଦ୍ୟପାନ କରି ଆସୁଥିବା ଭଳି ସଂଗୀନ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ଘଟଣାର ତଦନ୍ତ କରିବା ସହ ଉକ୍ତ ଡ଼ାକ୍ତରଙ୍କୁ ତୁରନ୍ତ ସେହି ସ୍ୱାସ୍ଥ୍ୟକେନ୍ଦ୍ରରୁ ବଦଳି କରିବା ସହ ତାଙ୍କ ସ୍ଥାନରେ ଅନ୍ୟ ଏକ ଡ଼ାକ୍ତରଙ୍କୁ ନିୟୋଜିତ କରିବାକୁ ଗ୍ରାମବାସୀ ଦାବି କରିଥିଲେ।

## ବକେୟା ପଡ଼ିଛି ସରକାରୀ ଓକିଲଙ୍କ କୋଟି କୋଟି ଟଙ୍କାର ପାଉଣା

● ବଢୁଛି ଆର୍ଥିକ ବୋଝ, ପୂର୍ବାପେକ୍ଷା ନିଯୁକ୍ତ ହୋଇଛନ୍ତି ଦୁଇଗୁଣା ଓକିଲ

● ସ୍ୱତନ୍ତ୍ର ପ୍ରକୋଷ୍ଠ ଅଭାବରୁ ସରକାରୀ ଓକିଲଙ୍କ ମଧ୍ୟରେ ହୋଇପାରୁନି ଆଲୋଚନା

● ଠିକ୍ ସମୟରେ ସାର୍ଟିଫିକେଟ ନେଉନାହାନ୍ତି କି ପୈଠ କରୁନାହାନ୍ତି ବିଲ୍: ପିପି




ବ୍ରହ୍ମପୁର,୧୩।୨(ସମିସ): ମାମଲାର ତୁରନ୍ତ ଫଇସଲା ଓ ମହକିଲଙ୍କୁ ତ୍ୱରିତ ନ୍ୟାୟ ଦେବାକୁ ଯାଇ ସରକାରୀ ସ୍ତରରେ କ୍ୟାଡର ସହିତ ନନ୍‌କ୍ୟାଡର ଓକିଲଙ୍କୁ ନିଯୁକ୍ତି ଦେଉଛନ୍ତି ସରକାର। ଯଦିଓ ନନ୍ କ୍ୟାଡର ସରକାରୀ ଓକିଲଙ୍କ ନିଯୁକ୍ତି ରାଜନୈତିକ ଥଇଥାନ ପାଇଁ ତଥାପି ଏଥିପାଇଁ ନିର୍ଦ୍ଦିଷ୍ଟ ନିତିନିୟମ ସହିତ ଆଇନବିଭାଗର ଅନୁମୋଦନ ଜରୁରୀ। ସରକାରୀ ଓକିଲଙ୍କ ପାଇଁ ପାଉଣା ମଧ୍ୟ ସ୍ଥିରିକୃତ କରାଯାଇଛି। ତେବେ ବର୍ଷ ବର୍ଷ ଧରି ସରକାରୀ ଓକିଲଙ୍କୁ ସେମାନଙ୍କ ପାଉଣା ବକେୟା ପଡ଼ିଥିବାରୁ ଅସନ୍ତୋଷ ଦେଖିବାକୁ ମିଳିଛି। ଇତି ମଧ୍ୟରେ ପୂର୍ବ ସରକାର ଅମଳରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ବଦଳରେ ନୂତନ ନିଯୁକ୍ତି ହୋଇସାରିଛି। ଏଭଳି ପରିସ୍ଥିତିରେ ବକେୟା ଅର୍ଥ ମିଳିବା ଆଶଙ୍କା କରି ଏନେଇ କେହି ମୁହଁ ଖୋଲିବାକୁ ପ୍ରସ୍ତୁତ ନଥିବାବେଳେ ଏନେଇ ଆଇନଜୀବୀ ମହଲରେ ବେଶ୍ ଚର୍ଚ୍ଚା ହେଉଛି। ଗତ ୨୦୨୨ରେ ଏହି ବାବଦରେ ପ୍ରାୟ ୩କୋଟି ଟଙ୍କା ବକେୟା ରହିଥିବା ବେଳେ ଆସିଥିଲା ମାତ୍ର ୬୦ଲକ୍ଷ। ଯାହା ସମୁଦ୍ରକୁ ଶଙ୍ଖେ। ପରବର୍ତ୍ତି ସମୟରେ ଅନୁରୁପ ଭାବେ କିଛି ଅନୁଦାନ ଆସିଥିଲେ ହେଁ ତାହା ଯଥେଷ୍ଟ ନୁହେଁ। ଫଳରେ ନିଯୁକ୍ତି ହରାଇଥିବା ଓକିଲଙ୍କ ମାସିକ ଅନ୍ୟୁନ ୫୦ରୁ ୬୦ହଜାର ହିସାବରେ କେବଳ ଗଞ୍ଜାମ ଜିଲ୍ଲାରେ କୋଟି କୋଟି ଟଙ୍କା ବକେୟା ପଡ଼ିଛି।

କେବଳ ବକେୟା ପାଉଣା ନୁହେଁ ବରଂ ସରକାରୀ ଓକିଲଙ୍କ ପାଇଁ ସ୍ୱତନ୍ତ୍ର ଗୃହ ତଥା ସମ୍ମିଳନୀ କକ୍ଷ ନଥିବା କାରଣରୁ କ୍ୟାଡର ଓ ନନକ୍ୟାଡର ସରକାରୀ ଓକିଲଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାରେ ପିପିଙ୍କ ସହ ସମନ୍ୱୟ ରକ୍ଷା କରିବା ଏପରିକି ଆଲୋଚନା କରିବା ମଧ୍ୟ ସମ୍ଭବପର ହେଉନଥିବା ଜଣାପଡିଛି। ପୂର୍ବରୁ ଜିଲ୍ଲାରେ ପ୍ରାୟ ୮୦ଜଣ ସରକାରୀ ନନ୍‌କ୍ୟାଡର ଓକିଲ ଥିବାବେଳେ ସେମାନଙ୍କ ପାଉଣା ପ୍ରଦାନ କରିବାରେ ସରକାର ଅସମର୍ଥ ଥିବା ସ୍ପଷ୍ଟ ହୋଇଛି। ଏଭଳି ସ୍ଥଳେ ବର୍ତ୍ତମାନ ୮୦ଜଣଙ୍କ ସ୍ଥାନରେ ୧୬୦ରୁ ଉଦ୍ଧ୍ୱର୍ ଅର୍ଥାତ୍ ପ୍ରାୟ ଦୁଇଗୁଣା ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଛି। କେଉଁଠି କୋର୍ଟ ନାହିଁ ତ ଆଉ କେଉଁଠି ଗୋଟିଏ କୋର୍ଟରେ ଏକାଧିକ ଏପରିକି କେତେକ କୋର୍ଟରେ କ୍ୟାଡର ଓକିଲ ଥିବା ସତ୍ତ୍ୱେ ନନକ୍ୟାଡରଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ ସରକାରଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଗଞ୍ଜାମ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଏହାକୁ ସେ ସ୍ୱୀକାର କରିଛନ୍ତି। ତେବେ ଅନେକ କ୍ଷେତ୍ରରେ ସରକାରୀ ଓକିଲମାନେ ସାର୍ଟିଫିକେଟ ନେଇନଥିବା ସହ ନିୟମିତ ମାସିକ ବିଲ ପୈଠ କରୁନଥିବା କହିଛନ୍ତି। ଯଦ୍ୱାରା ଏହି ପରିମାଣ ବଢିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

## ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଉଦାସୀନତା; ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ

# ସରକାରୀ କ୍ୱାର୍ଟର୍ସ ପାଲଟିଛି ପୈତୃକ ସମ୍ପତ୍ତି

**ପାରଳାଖେମୁଣ୍ଡି,୧୩।୨(ସମିସ):** ପାରଳାଖେମୁଣ୍ଡି ପୌରପରିଷଦର ଚରମ ଅବହେଳାର ଫାଇଦା ନେଉଛନ୍ତି ଦୁର୍ନୀତିଖୋର କର୍ମଚାରୀ। ପୌର ପରିଷଦର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଛି। କିନ୍ତୁ କର୍ତ୍ତୃପକ୍ଷ ଜାଣିଶୁଣି ନିରବଦ୍ରଷ୍ଟା ସାଜିଥିବା ଆଲୋଚନା ହେଉଛି। ଓଡ଼ିଶାର ସର୍ବ ପୁରାତନ ପୌରପରିଷଦର କର୍ତ୍ତୃପକ୍ଷଙ୍କ

**● ଭଡ଼ା ଲଗାଇ ମାଲେମାଲ ଅସାଧୁ କର୍ମଚାରୀ**
**● ମୃତ୍ୟୁ ପରେ ଭାଗ ବାଣ୍ଟି ନେଉଛନ୍ତି ସନ୍ତାନ**

ଉଦାସୀନତା ଯୋଗୁ ଯିଏ ଯାହା ଚାହୁଁଛି ବେଆଇନ କାରବାର ଚଳାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କର୍ମଚାରୀଙ୍କ ନିମନ୍ତେ ନିର୍ମିତ ୨୯ କ୍ୱାର୍ଟର୍ସରେ। ଏଠାରେ ସରକାରୀ ନିୟମକୁ ଫୁ' କରି ଅବସର ପରେ ବି କେତେକ କର୍ମଚାରୀ ସରକାରୀ ବାସଭବନ ଛାଡୁ ନଥିବା ବେଳେ କେତେକ କର୍ମଚାରୀ ସରକାରୀ କ୍ୱାର୍ଟର୍ସକୁ ବାହାର ଲୋକଙ୍କୁ ଭଡ଼ା ଦେଇଛନ୍ତି। ଭଡ଼ା ବାବଦରେ ସେହି କର୍ମଚାରୀ ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରିବାରେ ଲାଗିଛନ୍ତି। ସେପଟେ କିଛି କର୍ମଚାରୀ ଅବସର ପରେ ପରଲୋକ ହେଲାଣି କିନ୍ତୁ ତାଙ୍କ ପରିବାର ବର୍ଗ ସରକାରୀ ସମ୍ପତ୍ତିକୁ ନିଜ ପୈତୃକ ସମ୍ପତ୍ତି ଭାବି ନିଜ ଇଚ୍ଛା ମୁତାବକ କ୍ୱାର୍ଟର୍ସକୁ ବିଭାଜନ କରି ଯାହାର ଦୁଇପୁଅ ଅଛନ୍ତି ଦୁଇଭାଗ କରି



୨୦ରୁ ୨୫ ବର୍ଷ ହେଲା ରହିଆସୁଛନ୍ତି। ଗତ ୩୦ ବର୍ଷରୁ ଅଧିକ ସମୟ ହେଲାଣି କିଛି ପୁରୁଣା କର୍ମଚାରୀ ଓ ପୌରପାଳିକା ଅଧୀନରେ ଚାକିରି କରୁଥିବା ଶିକ୍ଷକ ଏଭଳି କାର୍ଯ୍ୟରେ ଲିପ୍ତ ଅଛନ୍ତି। ନିଜ ନିଜ ଘର ନିର୍ମାଣ କରି ସରକାରୀ କ୍ୱାର୍ଟର୍ସକୁ ମାସିକ ୫ରୁ ୬ ହଜାର ଟଙ୍କାରେ ଭଡ଼ା ଦେଇ ମାଲାମାଲ ହେଉଛନ୍ତି। ଏନେଇ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। ସାଧାରଣ ଲୋକଙ୍କ ପାଇଁ ପୌରପାଳିକାର ଗୋଟିଏ ନିୟମ ଓ କର୍ମଚାରୀଙ୍କ ପାଇଁ ଆଉ ଗୋଟିଏ ନିୟମ କି ବୋଲି ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ ବସନ୍ତ କୁମାର ପଣ୍ଡା ଓ ପ୍ରନୋଜ କୁମାର ପଟ୍ଟନାୟକ।

ଘଟଣାକୁ ନେଇ ପୌରପରିଷଦ କର୍ତ୍ତୃପକ୍ଷ ଉତ୍ତର ରଖିଛନ୍ତି। କେବଳ ମଝିରେ ମଝିରେ ନୋଟିସ ଦେଇ ଥିବା କହିଛନ୍ତି ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ। କାଉନସିଲ ବୈଠକରେ ଏହି ସମସ୍ୟା ସମ୍ପର୍କରେ ଉଠାଯାଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ଗତ ୩୦ବର୍ଷ ମଧ୍ୟରେ କାଉନସିଲ ପରେ କାଉନସିଲ ଅନେକ ଥର ଗଢ଼ିଲାଣି। ଏଭଳି ଚରମ ଅବହେଳାକୁ ଅଣଦେଖା କରାଯାଉଛି କିପରି? ଭଡ଼ା ଦେଇ ଅବସରପ୍ରାପ୍ତ କର୍ମଚାରୀ ମାଲାମାଲ ହେଉଥିବାବେଳେ ରାଜସ୍ୱ ହରାଇ ପୌରପାଳିକା ଦୁର୍ବଳ ହେଉଛି। ଏଥିରେ ଦୁର୍ନୀତିର ଗନ୍ଧ ବାରି ହେଉଥିବାରୁ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଶ୍ରୀ ପଣ୍ଡା ଓ ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରାଇକିଆ,୧୩।୨(ସମିସ):** ରାଇକିଆ ବ୍ଲକ ବଡ଼ବରବା ଉଚ୍ଚ ବିଦ୍ୟାଳୟରେ ବୁଧବାର ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବୋର୍ଡ ପରୀକ୍ଷାରେ କିପରି ସଫଳତା ଅର୍ଜନ କରିବେ ସେ ନେଇ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତର ଉତ୍ତରୋତ୍ତର କାମନା କରାଯାଇଥିଲା। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରିକା ନାୟକ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅଧ୍ୟୟନ ମଧ୍ୟରେ ସାଉଁଟି ଥିବା ଅନୁଭୂତିକୁ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ବିକାଶ ପ୍ରଧାନ, ବିଚିତ୍ରାନନ୍ଦ ଗୌଡ଼, ଶିକ୍ଷୟତ୍ରୀ ପ୍ରିୟଙ୍କା ଜେନା, ସୋନାଲି ବିଶ୍ୱାଳ, ସାଗରିକା ନନ୍ଦ, ପୁଷ୍ପିତା ପ୍ରଧାନ ଓ ଚନ୍ଦ୍ରକାନ୍ତ ମହାକୁଡ ଉପସ୍ଥିତ ଥିଲେ।

## ଜାଗରରେ ମଞ୍ଚସ୍ଥ ହେବ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା'



**ଜି.ଉଦୟଗିରି,୧୩।୨(ସମିସ):** ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଶ୍ରୀ ରାମେଶ୍ୱର ଯୁବକଳାପରିଷଦର ପ୍ରଥମ ଅବଦାନରେ ଚଳିତ ବର୍ଷ ମହାଶିବରାତ୍ରି ପାଇଁ ସାମାଜିକ ନାଟକ "କଳଙ୍କ ମୋପାଇଁ ଚନ୍ଦନ ଟୋପା' ପ୍ରସ୍ତୁତି ଜୋରସୋରରେ ଚାଲିଛି। ଅଜୟ ସ ଙ୍କ ଦ୍ୱାରା ରଚିତ ଏହି ନାଟକରେ ବ୍ରହ୍ମପୁରର କୃଷ୍ଣ କୁମାର ପଣ୍ଡା ଓ ପ୍ରତାପ ପାତ୍ର ନିର୍ଦ୍ଦେଶନା ଦେଉଥିବା ବେଳେ ସଂଗୀତରେ ସଜେଇଛନ୍ତି ବ୍ରହ୍ମପୁର ସଂଗୀତକାର ସୁଜିତ ପାଢ଼ୀ। କଳାପରିଷଦ ସଭାପତି ମାଖନ ନାୟକ, ସମ୍ପାଦକ ବେଣୁରାଜ ପ୍ରଧାନ, ମ୍ୟାନେଜର ସୀତାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚାଲିଥିବା ବେଳେ ଯୁବ କଳାକାର ନିଖୁଣ ଅଭିନୟ କରି ନିଜ ନିଜ ପ୍ରତିଭା ଦେଖାଇଛନ୍ତି।

## ୧୩୬ ବିଏସ୍ଏଫ୍ ବାଟାଲିୟନର ଜନହିତକାରୀ କାର୍ଯ୍ୟକ୍ରମ



**ବାଲିଗୁଡ଼ା,୧୩।୨(ସମିସ):** ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ସ୍ଥିତ ୧୩୬ ବିଏସ୍ଏଫ୍ ବାଟାଲିୟନ କ୍ୟାମ୍ପରେ ଏକ ଜନ ହିତକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧାରଣ ଜନତାଙ୍କ ସହିତ ସୀମା ସୁରକ୍ଷା ବାହିନୀର ସୁସମ୍ପର୍କ ପ୍ରତିଷ୍ଠା କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଆଜି ଏହି କାର୍ଯ୍ୟକ୍ରମରେ ବାରଖମା, ରେବିଙ୍ଗିଆ, ସୁଡ୍ରା ପଞ୍ଚାୟତର ଗରିବ ସୀମାରେଖା ତଳେ ଥିବା ଲୋକଙ୍କୁ ଚିହ୍ନଟ କରି ବାସନ, କମ୍ବଳ, ମଶାରି ଓ କିଛି ଘରୋଇ ଉପକରଣ ପ୍ରଦାନ କରାଯାଇଥିଲା। ତା ସହିତ ଆଖପାଖରେ ଥିବା ବିଦ୍ୟାଳୟ ଓ ଯୁବକ ସଙ୍ଘକୁ ଖେଳ ଉପକରଣ ବଣ୍ଟନ କରାଯାଇଥିଲା। ସଲାଗୁଡା, ବାରଖମା, ସୁଡ୍ରା ପଞ୍ଚାୟତର ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ଘରୋଇ ଉପକରଣ ବାଟାଲିୟନ ପକ୍ଷରୁ ପ୍ରଦାନ କରାଯାଇଥିଲା। ୧୩୬ ବିଏସଏଫ ବାଟାଲିୟନର କମାଣ୍ଡାଣ୍ଟ ସତପାଲ ସିଂ, କେ.କେ.ଦାସ, ନିର୍ମଳ ଚନ୍ଦ୍ର ଦାସ, କର୍ଣ୍ଣପାଲ୍ ସିଂ ରାଠୋର, ସଞ୍ଜୟ କୁମାର ଉପେନ୍ଦ୍ର କୁମାର ସିଂ, ଆର.ଏସ. ପରମାର ଉପସ୍ଥିତ ଥିବାବେଳେ, ବାରଖମା ସରପଞ୍ଚ କୁମୁଦିନୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବାରଖମା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଭୁ ବାସି ମଣି, ୱାଡର୍ ମେମ୍ବର ପରମା ନନ୍ଦ ନାୟକ, ଲଳିତ ଦିଗାଲ, ମିଳନ ଦିଗାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଡିଆଇଇଟିରେ ଜିଲ୍ଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ଟିକାବାଲି,୧୩।୨(ସମିସ):** ଟିକାବାଲି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପରିସରରେ ତିନି ଦିନିଆ ଜିଲ୍ଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚୟନ ହୋଇଥିବା ଶିକ୍ଷକ,ଶିକ୍ଷୟିତ୍ରୀ ଓ ଗୋଷ୍ଠୀ ସମ୍ବଳ କେନ୍ଦ୍ର ସଂଯୋଜକ ଏଥିରେ ଅଂଶଗ୍ରହଣ କରିଥିଲେ। କର୍ମଶାଳାକୁ ଉଦ୍‌ଘାଟନ କରି ଶିକ୍ଷାର୍ଥୀଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ପାଇଁ ଶିକ୍ଷଣ ସାମଗ୍ରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଧ୍ୟକ୍ଷ କହିଥିଲେ। ପ୍ରତି ବ୍ଲକରୁ ପ୍ରତିନିଧିତ୍ୱ କରୁଥିବା ୪ ଜଣ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରଶିକ୍ଷଣରେ ସାମିଲ ହୋଇ ବିଭିନ୍ନ ବିଷୟବସ୍ତୁ ଉପରେ ଶିକ୍ଷଣ ଉପକରଣ ପ୍ରସ୍ତୁତ କରିଥିଲେ। ଶିକ୍ଷକ ପ୍ରଶିକ୍ଷିକା ସସ୍ମିତା ପ୍ରଧାନ ଓ ରଶ୍ମିତା ଗିରି ପ୍ରଶିକ୍ଷାର୍ଥୀଙ୍କୁ ବୈଷୟିକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ମଧ୍ୟରେ ସଞ୍ଜୟ କୁମାର ମାଝୀ, ଅରବିନ୍ଦ ମହାପାତ୍ର, ଲାଲମୋହନ କହଁର, ପଞ୍ଚାନନ ଗନ୍ତାୟତ, ସୁଶାନ୍ତ କୁମାର ମଲ୍ଲିକ, ବୀରେନ୍ଦ୍ର ସାହାଣୀ, ବିଦେଶୀ ନାୟକ, ଜୁବୁଲି ପଣ୍ଡା ଓ ମଧୁସୂଦନ ନାୟକଙ୍କ ସମେତ ବହୁ ଶିକ୍ଷକ କର୍ମଶାଳାରେ ସକ୍ରିୟ ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ଶିକ୍ଷଣ ସାମଗ୍ରୀ ଶ୍ରେଣୀଗୃହରେ ବ୍ୟବହାର କରାଗଲେ ଛାତ୍ରଛାତ୍ରୀ ଜଟିଳ ବିଷୟକୁ ସହଜରେ ବୁଝିପାରିବେ ବୋଲି ଆଶା ପ୍ରକାଶ କରାଯାଇଛି।

## ରାତି ପାହିଲେ ଜାଗର; ମହେନ୍ଦ୍ରଗିରିରେ ଜମିଲାଣି ଭିଡ଼





**ରାୟଗଡ,୧୩।୨(ସମିସ):** ରବିବାର ମହା ଶିବରାତ୍ରୀ। ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ପ୍ରାକୃତିକ ସବୁଜିମା ଭରା ମହେନ୍ଦ୍ର ପର୍ବତମାଳାରେ ଥିବା ଅନନ୍ୟ ପ୍ରସିଦ୍ଧ ଶୈବ ପୀଠ ମହେନ୍ଦ୍ରଗିରି ଜମିଲାଣି ଶ୍ରଦ୍ଧାଳୁଙ୍କ ଭିଡ଼। ମହାଶିବରାତ୍ରିର ଦିନକ ପୂର୍ବରୁ ଜିଲ୍ଲା ତଥା ଜିଲ୍ଲା ବାହରରୁ ଶ୍ରଦ୍ଧାଳୁ ମହେନ୍ଦ୍ରଶିଖର ଯିବାକୁ ଯାତ୍ରା ଆରମ୍ଭ କରିଛନ୍ତି। ମହାଶିବରାତ୍ରିରେ ଠାକୁର ଦର୍ଶନ ସହ ସକାଳର ସୂର୍ଯ୍ୟୋଦୟ ଦେଖିବେ ଲକ୍ଷାଧିକ ଭକ୍ତ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ପକ୍ଷରୁ ସେଠାରେ ୩ଦିନ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରର ସମସ୍ତ ଭକ୍ତଙ୍କୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥାଏ। ଏଠାରେ ରହିଛି ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ। ଗୋଟିଏ ଦିନରେ ଛଅଟି ଋତୁର ଅନୁଭବ ହେଉଥିବା ବିରଳ ପରିବେଶ ମଧ୍ୟ ଏଠାରେ ଉପଭୋଗ କରି ହୁଏ। ଚଳିତ ବର୍ଷ ଶିବରାତ୍ରି ପୂର୍ବରୁ ଶୁକ୍ରବାରଠାରୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଆରମ୍ଭ ହୋଇଛି।

### ସାରସ୍ୱତ ସାଧକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଜୟନ୍ତୀ

## ଓଡ଼ିଆ ଭାଷା ଓ ସାହିତ୍ୟକୁ ଶ୍ୟାମସୁନ୍ଦରଙ୍କ ଅବଦାନ ଚିରସ୍ମରଣୀୟ

**ପାରଳାଖେମୁଣ୍ଡି,୧୩।୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ଛନ୍ଦ ବିଜ୍ଞାନୀ ତଥା ଓଡ଼ିଶା ସାହିତ୍ୟର ଆଦ୍ୟ ସମାଲୋଚକ ଶ୍ୟାମ ସୁନ୍ଦର ରାଜଗୁରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ




ଓ ଉତ୍କଳ ହିତୈଷିଣି ସମାଜର ମିଳିତ ଆନୁକୁଲ୍ୟରେ କାର୍ଯ୍ୟକ୍ରମରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଡ. ପ୍ରଫୁଲ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଉତ୍କଳ ହିତୈଷିଣୀ ସମାଜର ସଭାପତି ଭାରତଭୂଷଣ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଓ ନବରଙ୍ଗପୁର ଜିଲ୍ଲାର ଶିକ୍ଷାବିତ୍ ଦୁର୍ଗାଚରଣ ଦାଶ ସମ୍ମାନିତ ଅତିଥି ଭାବେ ସଭାକୁ ସମ୍ବୋଧିତ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ରାଜଗୁରୁଙ୍କ ଅବଦାନ ଓଡ଼ିଶା ତଥା ଓଡ଼ିଆ ଜାତିପାଇଁ ଚିରସ୍ମରଣୀୟ ଓ ଅନବଦ୍ୟ ବୋଲି ସମସ୍ତ ବକ୍ତା ମତ ପ୍ରକାଶ କରିଥିଲେ। ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ବିଶିଷ୍ଟ ସହଯୋଗୀ ଅରକ୍ଷିତ ଜେନାଙ୍କ ଅକାଳ ମୃତ୍ୟୁରେ ଶୋକପ୍ରକାଶ କରାଯାଇ ସଭା ଆରମ୍ଭରେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ନେହା ବେହେରା, ଶଶିଭୂଷଣ ପଟ୍ଟନାୟକ, ଅଧ୍ୟାପକ ଆର୍ତ୍ତତ୍ରାଣ ଚଇନି ଓ ତ୍ରିପତି ପ୍ରସାଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ମୁରଲୀଧର ପରିଚ୍ଛା, ଶରତଚନ୍ଦ୍ର ସାହୁ, ବିଷ୍ଣୁ ଚରଣ ପଣ୍ଡା, ନିତ୍ୟାନନ୍ଦ ଚୌଧୁରୀ, ଶ୍ୟାମସୁନ୍ଦର ଗନ୍ତାୟତ ସହଯୋଗ କରିଥିଲେ। ଡ. କଲ୍ୟାଣୀ ମିଶ୍ର ଓ ଆକାଂକ୍ଷା ମହିଳା ସଂଗଠନର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀଙ୍କ ସମେତ ସହରର ଶତାଧିକ ବୁଦ୍ଧିଜୀବୀ ଏହି ସମାରୋହରେ ଯୋଗ ଦେଇଥିଲେ।

## 'ପୋଷ୍' ଆଇନ ସଚେତନତା ସଭା




**ଗୋଷାଣି,୧୩।୨(ସମିସ):** ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୋଷାଣି ବ୍ଲକ ଗାରାବନ୍ଧସ୍ଥିତ ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ପୋଷ୍ ଆଇନ ଅଧୀନ ଯୌନ ଉତ୍ପୀଡନ ରୋକିବା ଓ ତାହାର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାରାବନ୍ଧ ଥାନା ଏସ୍ଆଇ ଲୋକନାଥ ବେହେରା, ପ୍ରଧାନଶିକ୍ଷକ ବି.ଗଙ୍ଗାଧର ଓ ଜଷ୍ଟିସ କର୍ଣ୍ଣର ଚାରିଟେବୁଲ ଟ୍ରଷ୍ଟର ଭାଗ୍ୟଲକ୍ଷ୍ମୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା, ସେମାନଙ୍କର ଅଧିକାର, ପ୍ରତିରୋଧମୂଳକ ବ୍ୟବସ୍ଥା ଏବଂ ଅନୁଚିତ ଆଚରଣ ଘଟିଲେ ଅଭିଯୋଗ ଦାଖଲର ଗୁରୁତ୍ୱ ବିଷୟରେ ଆଇନଗତ ଜ୍ଞାନ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ସେଥିପାଇଁ ଶିଶୁ ବିବାହ ବିରୋଧୀ ଆଇନ, ତାହାର ଦଣ୍ଡନୀୟ ପରିଣାମ ଏବଂ ସମାଜ ଓ ଯୁବପିଢ଼ିଙ୍କ ଭୂମିକା ବିଷୟରେ ମଧ୍ୟ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଜଷ୍ଟିସ୍ କର୍ଣ୍ଣର ଚାରିଟେବଲ୍ ଟ୍ରଷ୍ଟ ପାରଳାଖେମୁଣ୍ଡିଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ




**ଜି.ଉଦୟଗିରି,୧୩।୨(ସମିସ):** ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନ୍ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଗୌରବ କର ଓ ବିଡ଼ିଓ ସତ୍ୟ ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ରହିଥିବା ଅସୁବିଧା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସମ୍ପର୍କରେ ନିଷ୍ପତ୍ତି ହୋଇଛି। ପୂର୍ବ ବୈଠକର ବିବରଣୀ ପଠନ ସହ କେଉଁ କାର୍ଯ୍ୟ ସମାପନ ହୋଇଛି ସେ ଉପରେ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ବିପିଇଓ ରାଜ କିଶୋର ସାହୁ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଚତୁର୍ଥ ଉତ୍କଳ କୃଷି ମେଳା ଉଦ୍‌ଯାପିତ

**ପାରଳାଖେମୁଣ୍ଡି,୧୩।୨(ସମିସ):** ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସରେ ଆୟୋଜିତ ଦୁଇ ଦିନିଆ ଚତୁର୍ଥ ଉତ୍କଳ କୃଷି ମେଳା ଉଦ୍‌ଯାପିତ ହୋଇଯାଇଛି। ମେଳାରେ ବହୁ ସଂଖ୍ୟାରେ ଚାଷୀ, ଗବେଷକ, ଉଦ୍ୟୋଗୀ, ଛାତ୍ର, ଉତ୍ପାଦକ କମ୍ପାନୀ, ଏନଜିଓ ଏବଂ ସରକାରୀ ବିଭାଗର ଅଧିକାରୀ ଅଂଶଗ୍ରହଣ କରିଥିଲେ। ଦୁଇ ଦିନ ଧରି ହୋଇଥିବା ମେଳାରେ ୭୦ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଯେଉଁଥିରେ ଅଭିନବ କୃଷି ପ୍ରଯୁକ୍ତିବିଦ୍ୟା, କୃଷି ଯନ୍ତ୍ରପାତି, ମୂଲ୍ୟଯୁକ୍ତ ଉତ୍ପାଦ, ମତ୍ସ୍ୟଚାଷ ଏବଂ ପଶୁପାଳନ ଉନ୍ନତି ଏବଂ ଜଳବାୟୁ-ସ୍ମାର୍ଟ କୃଷି ସମାଧାନ ପ୍ରଦର୍ଶିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମ ବୈଜ୍ଞାନିକ ଗବେଷଣା ଏବଂ କ୍ଷେତ୍ରସ୍ତରୀୟ ପ୍ରୟୋଗ ମଧ୍ୟରେ ଏକ ସ୍ପନ୍ଦନଶୀଳ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଯାହାର ଲକ୍ଷ୍ୟ କୃଷକଙ୍କ ଜୀବିକା ନିର୍ବାହରେ ଉନ୍ନତି ଆଣିବା ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା। ଉଦ୍‌ଯାପନୀ ସମାରୋହରେ, ମେଳାର ସଫଳତାରେ ସକ୍ରିୟ ଭାବରେ ଅବଦାନ ଦେଇଥିବା ପ୍ରଦର୍ଶକଙ୍କୁ ସେମାନଙ୍କର ଉଦ୍ଭାବନ ଏବଂ ପ୍ରସାର ପ୍ରୟାସକୁ ସ୍ୱୀକୃତି ଦେଇ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅନିତା ପାତ୍ର, ଡିନ୍ (ପ୍ରଶାସନ) ପ୍ରଫେସର ଏସ୍.ପି. ନଈ, କୃଷି ଏବଂ ଆନୁସଙ୍ଗିକ ବିଦ୍ୟାଳୟ ଏମ୍ଏସ୍ ସ୍ୱାମୀନାଥନ୍ ସ୍କୁଲ ଅଫ୍ ଏଗ୍ରିକଲଚର ଡିନ୍ ପ୍ରଫେସର ସାଗର ମୈତ୍ର, ପ୍ରାଣୀଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ବ୍ୟାଳୟର ଡିନ୍ ପ୍ରଫେସର ଆର.କେ. ସ୍ୱାଇଁ, ଡିନ୍ ଏକ୍ସଟେନ୍ସନ୍ ପ୍ରଫେସର ଗିରିଶ କୁମାର କୁମାର ମହାନ୍ତି, ଡିନ୍ ଛାତ୍ର-କଲ୍ୟାଣ ଡ. ରିତେଶ କୁମାର, ସହଯୋଗୀ ଡିନ୍ ମତ୍ସ୍ୟ ବିଦ୍ୟାଳୟ ଡ. ସମ୍ବିଦ୍ ସ୍ୱାଇଁ, କୃଷି ଏବଂ ବାୟୋ-ଇଞ୍ଜିନିୟରିଂର ସହଯୋଗୀ ଡିନ୍ ଡ. ଡି.ଟି. ସନ୍ତୋଷ, ସ୍କୁଲ ଅଫ୍ ନର୍ସିଂର ଉପଅଧ୍ୟକ୍ଷା ଡ. ଏସ୍. ଏନ୍. ସନ୍ଧ୍ୟା ମିଳିତ ଭାବରେ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରିଥିଲେ।




**ଲୁପ୍ତ ହେବାକୁ ବସିଲାଣି କମଳା ଚାଷ**

## ଆଉ ଦେଖିବାକୁ ମିଳୁନି ସେରଙ୍ଗ କମଳା

**ଗୁମ୍ମା,୧୩।୨(ସମିସ)**

ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଗୁମ୍ମା ବ୍ଲକର ବିଭିନ୍ନ ପାହାଡ଼ିଆ ଅଞ୍ଚଳରେ ବିଭିନ୍ନ ଚାଷ ହୋଇଥାଏ। ହେଲେ ବଣ ପାହାଡ଼ ଘେରା ଗୁମ୍ମା ବ୍ଲକର ପାରମ୍ପରିକ ଚାଷ ଦିନକୁ ଦିନ ଲୁପ୍ତ ହେବାରେ ଲାଗିଛି। ବିଶେଷ କରି କମଳା ଚାଷ ପାଇଁ ଉପଯୁକ୍ତ ପାଣିପାଗ ଓ ବାତାବରଣ ଥିବା ଅଜୟଗଡ଼, ମୁନୁସିଂ ଏବଂ ସେରଙ୍ଗ ପଞ୍ଚାୟତରେ ଆଉ କମଳା ଚାଷ ଦେଖିବାକୁ ମିଳୁନି। ବିଗତ ଦିନ ମାନଙ୍କରେ ପ୍ରଚୁର ପରିମାଣର କମଳା ଉତ୍ପାଦନ ହେଉଥିବା ବେଳେ ଦିନକୁ ଦିନ ଏହି ଚାଷରୁ ଚାଷୀ ମୁହଁ ଫେରାଉଛନ୍ତି। ପୋଡୁ ଚାଷ ଏବଂ କାଜୁବଣ ବୃଦ୍ଧି ଯୋଗୁ ପରିବେଶ ଉପରେ ତଥା ଜଳବାୟୁ ପ୍ରଦୂଷଣର କୁପ୍ରଭାବ ପଡୁଥିବା ପରିବେଶ ବିଶେଷଜ୍ଞ କହିଛନ୍ତି। ଚାଷୀଙ୍କୁ ସଚେତନତା କରାଯାଇ କମଳା ଚାରାକୁ ବହୁ ପରିମାଣରେ ଯୋଗାଇ ଦେଲେ ପରିବେଶରେ ସନ୍ତୁଳନ ଆସିବା ସହିତ କମଳା ଚାଷର ଚାହିଦା ବୃଦ୍ଧି ପାଇବ। ସେରଙ୍ଗ ଓ ଅଜୟଗଡ଼ ଅଞ୍ଚଳରେ କମ ଉତ୍ପାଦନ ହେଉଥିବା କାଜୁ ଚାଷ ଉପରେ ନିର୍ଭର ନ କରି କମଳା ଚାଷକୁ ଗୁରୁତ୍ୱ ଦେବାକୁ ଅଜୟଗଡ଼



ଓ ସେରଙ୍ଗ ଅଞ୍ଚଳର ଚାଷୀଙ୍କୁ ସଚେତନ କରାଗଲେ ସେମାନଙ୍କ ଆୟ ବୃଦ୍ଧି ହେବା ସହିତ ପାରମ୍ପରିକ କମଳା ଚାଷର ସଂରକ୍ଷଣ କରାଯାଇପାରିବ ବୋଲି ଚାଷୀ ସୁରେଶ ବଡ଼ ଦଳାଇ, ମାଲୀୟ ପାଇକ, ଦେବେନ୍ଦ୍ର ପ୍ରଧାନ, ରୂପ ଶବର, ନୋହର ଗମାଙ୍ଗ, ଏଲିଅ ଶବର ଓ କାର୍ତ୍ତିକ ଗମାଙ୍ଗ କହିଛନ୍ତି। ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ କମଳା ଫଳର ଫାଇଦା ଚାଷୀ ଓ ଅଞ୍ଚଳବାସୀ ପାଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏନେଇ ଅଜୟଗଡ଼ ଅଞ୍ଚଳର ଅଡେଇ, ବାଲମୁଣ୍ଡା, କିନ୍ତେସିଂ, ରାଙ୍ଗିଡ଼ି ଓ ଲୁହାରା ଗ୍ରାମରେ ୨୦୨୦ ଠାରୁ ୨୦୨୪ ବର୍ଷ ମଧ୍ୟରେ ହାରାହାରି ୭୦ହେକ୍ଟର ଜମିରେ କମଳା ଚାରା ରୋପଣ କରାଯାଇଛି। କିନ୍ତୁ ଅଞ୍ଚଳରେ ଜଳ ଅଭାବ ଯୋଗୁଁ ଚାଷୀ କମଳା ଚାଷ ପ୍ରତି ଅମଙ୍ଗ ହେଉଥିବା କହିଛନ୍ତି ବ୍ଲକ ଉଦ୍ୟାନ ଅଧିକାରୀ ଦିଲ୍ଲୀପ ଡ଼ିଙ୍ଗାଲ।

## 'ବେଟି ବଚାଓ, ବେଟି ପଢ଼ାଓ' ସଚେତନତା



**କୋଦଳା,୧୩।୨(ସମିସ):** ବେଗୁନିଆପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବେଟି ବଚାଓ ବେଟି ପଢାଓ ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜିକା ଗୀତାଞ୍ଜଳି ମହାରଣା, ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ, ସିଡିପିଓ ନୀଳିମା ଟପୋ, ବେଗୁନିଆପଡ଼ା ସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୟ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନା କରାଯାଇଥିଲା। ଏଥିରେ ବେଗୁନିଆପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜର, ବ୍ଲକର ବହୁ ଅଙ୍ଗନବାଡ଼ି କର୍ମୀ, କିଶୋରୀ ବାଳିକା ମାନେ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟକୁ ଅନାଦର କରୁଛି ଶିକ୍ଷା ବିଭାଗ

**ବ୍ରହ୍ମପୁର,୧୩।୨(ସମିସ)**

- ଜିଲ୍ଲାର ୨୨ ବିଦ୍ୟାଳୟରୁ ମାତ୍ର ୩ଟିରେ ଅଛି ସ୍କାଉଟ-ଗାଇଡ୍ ୟୁନିଟ୍
- ରାଜ୍ୟ ପୁରସ୍କାର ପରୀକ୍ଷାରୁ ବଞ୍ଚିତ ଓଏଭି ମେଧାବୀ ଛାତ୍ରଛାତ୍ରୀ
- ଅତିରିକ୍ତ ୫ ପ୍ରତିଶତ ମାର୍କ ଅନୁକମ୍ପାରୁ ବହୁ ଦୂରରେ ଛାତ୍ରଛାତ୍ରୀ

ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟ ଯୋଜନାକୁ ଜିଲ୍ଲାସ୍ତରରେ ଠିକ୍‌ଭାବେ କାର୍ଯ୍ୟାନ୍ୱୟନ କରାଯାଉନଥିବା ଅଭିଯୋଗ ଜୋର ଧରିଛି। ଶିକ୍ଷା ବିଭାଗର ଅବହେଳା ଓ ଅବ୍ୟବସ୍ଥା ଯୋଗୁଁ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ତାଙ୍କ ଯଥାଯଥ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲାରେ ମୋଟ ୨୨ଟି ଆଦର୍ଶ ବିଦ୍ୟାଳୟ ଥିବା ସତ୍ତ୍ୱେ ମାତ୍ର ୩ଟି ଆଦର୍ଶ ବିଦ୍ୟାଳୟରେ ସ୍କାଉଟ-ଗାଇଡ୍ ୟୁନିଟ କାର୍ଯ୍ୟରତ ରହିଛି। ଅନ୍ୟ ବିଦ୍ୟାଳୟଗୁଡ଼ିକରେ ଏହି ୟୁନିଟ ଗଠନ ପାଇଁ ଅନାଗ୍ରହ ଦେଖାଯାଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଫଳସ୍ୱରୂପ ଛାତ୍ରଛାତ୍ରୀଙ୍କ ଠାରେ ନେତୃତ୍ୱ, ଶୃଙ୍ଖଳା ଓ ସାମାଜିକ ସେବା ଭଳି ଗୁଣର ଉନ୍ନତି ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ରାଜ୍ୟରେ ପୂର୍ବ ସରକାର ତଥା ନବୀନ ସରକାର ଅମଳରେ 'ଆଦର୍ଶ ବିଦ୍ୟାଳୟ' କାର୍ଯ୍ୟକାରୀ ହୋଇଥିଲା। ଗତ ୨୦୧୬-୧୭ ଶିକ୍ଷାବର୍ଷରେ ନାମଲେଖା ଆରମ୍ଭ ହୋଇଥିଲା। ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପରେ ସ୍କାଉଟ-ଗାଇଡ୍, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନେତୃତ୍ୱ ଉନ୍ନତି କାର୍ଯ୍ୟ ନିମନ୍ତେ ନିଷ୍ପତି ହୋଇଥିଲା। ଏଠାରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ମିଳୁଥିଲେ ମଧ୍ୟ ଗଞ୍ଜାମ ଜିଲ୍ଲାର ଶତାଧିକା ମେଧାବୀ ଛାତ୍ରଛାତ୍ରୀ ସ୍କାଉଟ-ଗାଇଡ୍‌ରୁ ବଞ୍ଚିତ ରହିଥିବା ଜଣାପଡ଼ିଛି। ଜିଲ୍ଲାର ମୋଟ ୨୨ଟି ବ୍ଲକରେ ଗୋଟିଏ ଲେଖାଁଏ ଆଦର୍ଶ ବିଦ୍ୟାଳୟ ରହିଛି। ସେଥି ମଧ୍ୟରୁ ଚମାଖଣ୍ଡି, ଭଞ୍ଜନଗର ଓ ବେଲଗୁଣ୍ଠା ବ୍ଲକରେ ରହିଥିବା ଆଦର୍ଶ ବିଦ୍ୟାଳୟରେ ସ୍କାଉଟ-ଗାଇଡ୍ ବ୍ୟବସ୍ଥା ରହିଛି। ଏହା ସହ ଶେରଗଡ଼ ଓ ରଙ୍ଗେଇଲୁଣ୍ଡା ବ୍ଲକରେ ରହିଥିବା ସ୍କାଉଟ-ଗାଇଡ୍‌ର ଶିକ୍ଷକ ବେସିକ୍ ଓ ଆଡ୍‌ଭାନ୍ସ କୋର୍ସ କରିଥିଲେ। କିନ୍ତୁ ଉକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟ ସ୍କାଉଟ-ଗାଇଡ୍ କାର୍ଯ୍ୟ କରୁନି। ଏଭଳି ଭାବେ ଗଞ୍ଜାମ ଜିଲ୍ଲାରେ ମୋଟ ୨୨ଟି ଆଦର୍ଶ ବିଦ୍ୟାଳୟ ରହିଥିବା ବେଳେ ମାତ୍ର ୩ଟି ବିଦ୍ୟାଳୟରେ ସ୍କାଉଟ-ଗାଇଡ୍ ବ୍ୟବସ୍ଥା ରହିଛି। ଅନ୍ୟ ୧୯ଟି ଆଦର୍ଶ ବିଦ୍ୟାଳୟରେ ସ୍କାଉଟ-ଗାଇଡ୍ ୟୁନିଟ ନାହିଁ। ଫଳରେ ପ୍ରତିବର୍ଷ ଶତାଧିକ ମେଧାବୀ ଛାତାଛାତ୍ରୀ ରାଜ୍ୟ ପୁରସ୍କାର ପରୀକ୍ଷାରେ ଅଂଶଗ୍ରହଣ କରିବା ଅଧିକାରରୁ ବଞ୍ଚିତ ରହୁଛନ୍ତି। ସ୍କାଉଟ-ଗାଇଡ୍‌ସରେ ନାମ ଲେଖାଇଥିବା ବିଦ୍ୟାର୍ଥୀଙ୍କୁ ଯୁକ୍ତ ଦୁଇ ନାମ ଲେଖାରେ ଅତିରିକ୍ତ ୫ ପ୍ରତିଶତ ମାର୍କ ମିଳୁଥିବା ବେଳେ ରେଳବିଭାଗରେ ଚାକିରି ସମୟରେ ଅନୁକମ୍ପାରୁ ବଞ୍ଚିତ ହେଉଛନ୍ତି ବହୁ ଛାତ୍ରଛାତ୍ରୀ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ ସ୍କାଉଟ ଗାଇଡ୍ ଆଡ୍‌ଭାନସ୍ ଟ୍ରେନିଂର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ଜିଲ୍ଲାର ୧୯ଟି ଆଦର୍ଶ ବିଦ୍ୟାଳୟରେ ସ୍କାଉଟ-ଗାଇଡ୍ ୟୁନିଟ ନଥିବା ଗଞ୍ଜାମ ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ଭାଗିରଥି ସ୍ୱାଇଁ ସ୍ୱୀକାର କରିଥିବା ବେଳେ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ପକ୍ଷରୁ ବିଦ୍ୟାଳୟରେ ୟୁନିଟ୍ ଖୋଲିବା ନେଇ କୌଣସି ଲିଖିତ ଆବେଦନ କରାଯାଇନଥିବା କହିଛନ୍ତି। ସ୍କାଉଟ-ଗାଇଡ୍ ୟୁନିଟ ଖୋଲିବା ନିମନ୍ତେ ଯଦି କୌଣସି ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଏ। ତେବେ ତାହାକୁ ବିଚାରକୁ ନିଆଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

## ଶ୍ରୀପରାଙ୍କୁଶ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ




**ପାତ୍ରପୁର,୧୩।୨(ସମିସ):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ପିଏମଶ୍ରୀ ମହନ୍ତ ଶ୍ରୀପରାଙ୍କୁଶ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ନାରାୟଣ କହଁରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏବିଇଓ ଚିନ୍ନୋୟା ସେଠୀ, ପଞ୍ଚାୟତ ସରପଞ୍ଚ ଏନ. ତିରୁପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏନ. ସଦାନନ୍ଦ ରାଓ, ପଞ୍ଚସଖା ଶିକ୍ଷା ସେତୁର ସଭାପତି କେ. କ୍ରିଷ୍ଣା ରାଓ, ଏବିଓ ଭିମା ରାଓ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରାରମ୍ଭିକ ସଂଗୀତ ବବିତା ଶବର ଓ ପବିତ୍ରା ପ୍ରଧାନ ଗାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା, ସାଂସ୍କୃତିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ବସନ୍ତ କୁମାର ସାହୁ କରିଥିବାବେଳେ ବାର୍ଷିକ ବିବରଣୀ ଏ. ମୋହନ ରାଓ ପଠନ କରିଥିଲେ। ବିଦ୍ୟାଳୟ କ୍ରୀଡା ଶିକ୍ଷକ ଅରୁଣ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ପ୍ରକାଶ ଚନ୍ଦ୍ର ପାତ୍ର ଏହି ବିଦ୍ୟାଳୟରେ ପାଠ ପଢ଼ି ଶିକ୍ଷକତା କରି ଅବସର ନେଇଥିବା ହେତୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ସେହିଭଳି ଚଳିତ ବର୍ଷର ଶ୍ରେଷ୍ଠ ଶିକ୍ଷକ ଭାବେ ବସନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଦିଗପହଣ୍ଡି,୧୩।୨(ସମିସ):** ଦିଗପହଣ୍ଡି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଜଗଦୀଶ ସାହୁ ବେଦମନ୍ତ୍ର ପାଠ କରିବା ପରେ ପ୍ରଧାନଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ କଠିନ ପରିଶ୍ରମ କରି ସଫଳତାର ଶୀର୍ଷରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଡ଼.ଶଙ୍କର ନାରାୟଣ ବେଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ରସାନନ୍ଦ ଘଡ଼େଇ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ରଶ୍ମିତା ସାହୁ, ସିଆରସିସି ଅନିଲ କୁମାର ଦାସ, କାଉନସିଲର ସୁଶାନ୍ତ କୁମାର ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ବୁଗୁଡା,୧୩।୨(ସମିସ):** ବୁଗୁଡ଼ା ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରଭାକର ପଣ୍ଡା, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସରକାରୀ ଓକିଲ ହର ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ନିଷ୍ଠାପର ସହ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅନିଲ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରମ୍ଭା,୧୩।୨(ସମିସ):** ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଶିକ୍ଷକ ରୋହିତ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ସ୍ଥାନୀୟ ତହସିଲଦାର ଡି. ମାଲେଶ୍ୱର ପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ରଥ ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ର ସ୍ୱତନ୍ତ୍ର ଅତିଥି, ଯୁବ ସମାଜସେବୀ ତଥା ଅର୍ଗସ ନ୍ୟୁଜର ସାମ୍ବାଦିକ ଅଶୋକ କୁମାର ତ୍ରିପାଠୀ, ଯୁବ ସାହିତ୍ୟିକ ତଥା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡକ୍ଟର ଦ୍ୱାରିକାନାଥ ମହାରଣା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସଂଘମିତ୍ରା ପଲେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଶିକ୍ଷୟିତ୍ରୀ ଚନ୍ଦନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାହାଡ଼ାପଦର ହାଇସ୍କୁଲରେ ସ୍ୱାସ୍ଥ୍ୟ ଶିବିର

**ଭଞ୍ଜନଗର,୧୩।୨(ସମିସ):** ସ୍ଥାନୀୟ ବାହାଡ଼ାପଦର ହାଇସ୍କୁଲରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ଯୋଗଦେଇଥିବାବେଳେ ଅତିଥିଭାବେ ଜଗବନ୍ଧୁ ଜେନା, ସନ୍ତୋଷ କୁମାର ଜେନା ଯୋଗ ଦେଇଥିଲେ। ସ୍ଥାନୀୟ ସରକାରୀ ଡାକ୍ତରଖାନାର ଡ଼. ମନୋଜ କୁମାର ପାତ୍ର, ଜାନକୀ ସାହୁ, ଶିବ ମହାରଣା, ସୁଦାମ ମହାରଣା, ମିଲନ ପାଣ୍ଡେ, ସଚିନ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରୋଗ ଓ ତାର ଆଗୁଆ ପ୍ରତିକାର ସହ ସଚେତନତା ଉପରେ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁ ସ୍ୱାସ୍ଥ୍ୟ ଶିବିରର ଆବଶ୍ୟକତା ଏହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିବିରରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିବାବେଳେ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ହୃଷିକେଶ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## କଣମଣା ମଣ୍ଡଳ ପକ୍ଷରୁ ସମର୍ପଣ ଦିବସ

**ଛତ୍ରପୁର,୧୩।୨(ସମିସ):** ଛତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭାରତୀୟ ଜନତା ପାର୍ଟି କଣମଣା ମଣ୍ଡଳ ପକ୍ଷରୁ ଆର୍ଯ୍ୟପଲ୍ଲୀ ଠାରେ ସମର୍ପଣ ଦିବସ ମଣ୍ଡଳ ସଭାପତି ଏନ. ଦିନବନ୍ଧୁଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ମତ୍ସ୍ୟଜୀବୀ ନେତା କେ. ଏଲେୟା, ପ୍ରଫୁଲ ପଣ୍ଡା, ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ, ଉପସଭାପତି ନନ୍ଦ କିଶୋର ସାହୁ, ଆର. ତ୍ରିନାଥ ରେଡ୍ଡୀ, କୋଷାଧ୍ୟକ୍ଷ କେ. ଦଶରଥୀ, ପି. ରାମବାବୁଙ୍କ ସମେତ ମଣ୍ଡଳ ବହୁ ନେତା ଓ କର୍ମୀ ମାନେ ଯୋଗଦେଇ ସମର୍ପଣ ଦିବସ ଉପରେ ଆଲୋକପାତ କରିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତ୍ରପୁରରେ ବିଜେପିର ମିଶ୍ରଣ ପର୍ବ

**ଛତ୍ରପୁର,୧୩।୨(ସମିସ):** ଛତ୍ରପୁର ସ୍ଥିତ ଶିବକୁମାର ପଟ୍ଟନାୟକ ରିଡିଂ ରୁମ୍ ଠାରେ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ କୁମାର ସାବତଙ୍କ ଅଧ୍ୟକ୍ଷତା ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ସାଂଗଠନିକ ସଂପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ସାରଦା ପ୍ରସାଦ ଶତପଥୀଙ୍କ ଉପସ୍ଥିତିରେ ଛତ୍ରପୁର ବିଧାୟକ ଶ୍ରୀ ନାୟକଙ୍କ ନେତୃତ୍ୱରେ ୧୯ ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ,



୨୧ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ସୁନ୍ଦରପୁର ପଞ୍ଚାୟତ ଯୁବ ନେତା କାଳିଆ ନାହାକ, ପୂର୍ବତନ ସରପଞ୍ଚ ସୋମନାଥ ବେହେରା ଓ ସନିଆ ବାଡତ୍ୟା, ସମିତିସଭ୍ୟା ସୁକାନ୍ତି ବେହେରା, ଯୁବନେତା କିଶୋର ବେହେରାଙ୍କ ସମେତ ଅନ୍ୟଦଳର ବହୁ ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସାଂସଦ ପ୍ରତିନିଧି ଆର୍. ସନ୍ତୋଷ ରେଡ୍ଡୀ ଓ ରୁଇନା ପଟ୍ଟନାୟକ, ବିଜେପି ଗଞ୍ଜାମ ଜିଲ୍ଲା ସାଧାରଣ ସଂପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସଂପାଦକ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ ଓ ବସନ୍ତ କୁମାର ବେହେରା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ରମ୍ଭା ଏନ୍‌ଏସି ଅଧ୍ୟକ୍ଷା ମାନସି ସ୍ୱାଇଁ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା ସଭାପତି କୀର୍ତ୍ତନ ଦାସ, ଛତ୍ରପୁର ମଣ୍ଡଳ ସଭାପତି ଗୋରୀଶଙ୍କର ନାହାକ, ପୂର୍ବତନ ଜିଲ୍ଲା ସଂପାଦକ ଲକ୍ଷ୍ମୀନାରାୟଣ ପଣ୍ଡା, ଲୋକନାଥ ରେଡ୍ଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା, ରଶ୍ମିରାଣୀ ମହାପାତ୍ର, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ସମ୍ପଦ ନାହାକ, ବିଏମ୍‌ସି ନେତା ଅର୍ଜୁନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

**ରମ୍ଭା,୧୩।୨(ସମିସ):** ଫାସୁଲା ସ୍ଥିତ ପିଏମଶ୍ରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ସହ ବିଦ୍ୟାର୍ଥୀ ମାନଙ୍କର ସର୍ବାଙ୍ଗୀନ ବିକାଶ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଏବିଇଓ ରବି ନାରାୟଣ ସେଠୀ, ସମ୍ମାନୀତ ଅତିଥି ସାମ୍ବାଦିକ ଅଶୋକ ତ୍ରିପାଠୀ, ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣ ଚନ୍ଦ୍ର ପରିଡା, ଆଇନଜୀବୀ ପ୍ରଦୀପ୍ତ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ଦଣ୍ଡପାଣି ବେହେରା ଓ ଏସଏମସି ସଭାପତି ଅରୁଣ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବିନାୟକ ପ୍ରଧାନ ମଞ୍ଚ ପରିଚାଳନା ଓ ପ୍ରଧାନ ଶିକ୍ଷକ ସୁବାସ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟିର କର୍ମକର୍ତ୍ତା, ସଭ୍ୟ ସଭ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ପଞ୍ଚାୟତର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**କୁକୁଡ଼ାଖଣ୍ଡି,୧୩।୨(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ପଞ୍ଚାୟତ ପରିସୀମା ଚର୍ତୁଦିଗ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଗାଁ ଚାରିପାଖରେ ଥିବା ପୋଖରୀ, ସଂଲଗ୍ନ ହୁଡ଼ା ତଥା ସଂଲଗ୍ନ ନାଳ ନର୍ଦ୍ଦମା ତଥା ବହିଯାଉଥିବା ନର୍ଦ୍ଦମା ପାଣି ମୁଖ୍ୟନାଳ ଛାଡ଼ି ମୁଖ୍ୟରାସ୍ତାରେ ବହୁଛି। ଫଳରେ ମଶାବଂଶ ବୃଦ୍ଧି ସହ ଲୋକଙ୍କ ଲାଗି ଚିନ୍ତାର କାରଣ ହୋଇଛି। ଏନେଇ ଗ୍ରାମବାସୀ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନି। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖକୁ ଦେଖିଲେ ପରିମଳ ବ୍ୟବସ୍ଥା କିପରି ଚାଲିଛି ତାହା ସହଜରେ ଜାଣିହେବ। ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ଏହାର ଚାରିପାଖରେ ଗତ ୩ ବର୍ଷ ତଳେ ପାନୀୟ ଜଳ ଯୋଗାଣ ପାଇଁ ଖୋଳାଯାଇଥିବା ମାଟି କାମ ଶେଷରେ କଂକ୍ରିଟ କରିବା ବଦଳରେ ସେମିତି ଖୋଲାପଡ଼ିଛି। ଫଳରେ ସେହି ମାଟି କଂକ୍ରିଟ ରାସ୍ତା ଅବରୋଧ କରିବା ସହ ଦୁର୍ଘଟଣାର କାରଣ ସାଜୁଛି। ଏହାର ପ୍ରାୟ ବର୍ଷ ପରେ ବିଦ୍ୟୁତ ବିଭାଗ ଟ୍ରାନ୍ସଫର୍ମର ଥିବା ସ୍ଥଳରେ ପାଚେରି ନିର୍ମାଣ ପାଇଁ ପୁଣିଥରେ ଖୋଳାଯାଇଥିଲା। ହେଲେ ତାହା ମଧ୍ୟ ଅଧାନ୍ତରିଆ ଭାବେ ପଡ଼ିରହିଛି। ଏହା ବ୍ୟତିତ ପଞ୍ଚାୟତର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଦୁଇ ଦିନରେ ଥରେ ଜଳ ଯୋଗାଣ ହେଉଥିବାବେଳେ ଅଧିକାଂଶ ଦିନ ବନ୍ଦ ରହୁଛି। ଏନେଇ ବିଭାଗୀୟ କର୍ମଚାରୀଙ୍କୁ ପଚାରିଲେ ଅବାନ୍ତର ଯୁକ୍ତି କରୁଛନ୍ତି। କେବେ ପାଇପ୍ ଫାଟିବା, ଆଉ କେବେ ମୋଟର ପୋଡ଼ିଯିବା ବାହାନାରେ ମାସର ଅଧିକାଂଶ ଦିନ ଜଳ ଯୋଗାଣ ବନ୍ଦ ରହୁଛି। ଅପରପକ୍ଷେ ପଞ୍ଚାୟତ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ମାସିକ ପାଉଣା ମଧ୍ୟ ଗ୍ରାମବାସୀ ଦେଉନଥିବାରୁ ପାନୀୟ ଜଳ ଯୋଗାଣ ବାବଦକୁ ଖର୍ଚ୍ଚ ହେଉଥିବା ଅର୍ଥକୁ ପଞ୍ଚାୟତ ନିଜେ ବହନ କରୁଛି। ତେଣୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦିବ୍ୟାଙ୍ଗ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା

**କୋଦଳା,୧୩।୨(ସମିସ):** ବେଗୁନିଆପଡ଼ା ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ରାଉତଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ଭିନ୍ନକ୍ଷମ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଦିବ୍ୟ ରଞ୍ଜନ ବିଶ୍ୱାଳ, ଏବିଡିଓ ନିରଞ୍ଜନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଯୋଗଦେଇ ଖେଳର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ବ୍ଲକରୁ ୮୧ ଜଣ ଦିବ୍ୟାଙ୍ଗ ଅଂଶଗ୍ରହଣ କରିଥିଲେ। ବ୍ଲକ କର୍ମଚାରୀ ଓ ସମସ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏଥି ସହିତ ଏଠାରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ୨୪୪ ହିତାଧିକାରୀଙ୍କୁ ନୂତନ ଭାବେ ଭତ୍ତା ବଣ୍ଟନ କରିଥିଲେ ବିଧାୟକ।

# ପ୍ରଶାସକ ଓ କୁଳସଚିବଙ୍କ ବିନା ଚାଲିଛି ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ

**ବ୍ରହ୍ମପୁର,୧୩।୨(ସମିସ):** ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ ହେଉଛି ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ। ଏଠାରେ ଗତ ଦୁଇ ସପ୍ତାହରୁ ଅଧିକ କାଳ ଧରି ପ୍ରଶାସନିକ ଅଧିକାରୀ ଓ କୁଳସଚିବ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡିଛି। ଯଦ୍ୱାରା ଉଭୟ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟରେ ସମସ୍ୟା ଦେଖାଦେଇଛି। ପୂର୍ବରୁ ଏଠାରେ ଉଭୟ ପ୍ରଶାସନିକ ଅଧିକାରୀ ଓ କୁଳସଚିବ ଦାୟିତ୍ୱରେ ଥିବା ବରିଷ୍ଠ ଓଏଏସ୍ ଅଧିକାରୀ ସଂଗ୍ରାମ ଶେଖର ପଣ୍ଡାଙ୍କୁ ଗତ ଜାନୁଆରୀ ୬ରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ବଦଳି ହୋଇଯାଇଛି। ଗତ ୨୭ରେ ସଂଗ୍ରାମ ପଣ୍ଡା ଏମ୍‌କେସିଜି ମେଡିକାଲରୁ ଦାୟିତ୍ୱ ହସ୍ତାନ୍ତର କରି ଉଚ୍ଚଶିକ୍ଷା ବିଭାଗରେ ଯୋଗ ଦେଇସାରିଛନ୍ତି। ତେବେ ତାଙ୍କ ସ୍ଥାନରେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ ଓ କୁଳସଚିବ ଭାବେ ଯଦିଓ ଭୁବନେଶ୍ୱର ମହାନଗର ନିଗମରେ ଅତିରିକ୍ତ କମିଶନର ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ଅଧିକାରୀ ରତ୍ନାକର ସାହୁଙ୍କୁ ବଦଳି ହୋଇଛି ତେବେ ସେ ଏପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଫଳରେ ଏହି ପଦବୀ ଗତ ଦୁଇ ସପ୍ତାହ ଧରି ଖାଲି ପଡିଛି।




ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପୂର୍ବରୁ ଅର୍ଥାତ୍ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ୨୦୨୫ମସିହା ସେପ୍ଟେମ୍ବର ୯ ତାରିଖରେ ଏକ ବଦଳି ବିଜ୍ଞପ୍ତି ବାହାରିଥିଲା। ଯେଉଁଥିରେ ସଂଗ୍ରାମ ପଣ୍ଡାଙ୍କୁ ବରଗଡ ଜିଲ୍ଲା ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଥିଲା। ତେବେ ପରବର୍ତ୍ତି ସମୟରେ ଅର୍ଥାତ୍ ପୂର୍ବ ବଦଳିର ମାତ୍ର ଏକ ସପ୍ତାହ ମଧ୍ୟରେ ଅର୍ଥାତ୍ ୧୬ ତାରିଖରେ କୌଣସି କାରଣରୁ ଉକ୍ତ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇ ସରୋଜିନି ପ୍ରସନ୍ନ କୁଲୁଙ୍କୁ ସଂଗ୍ରାମ ଶେଖର ପଣ୍ଡାଙ୍କ ସ୍ଥାନରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ବଦଳି ହୋଇଥିବା ରତ୍ନାକର ସାହୁ ଏପର୍ଯ୍ୟନ୍ତ ଦାୟିତ୍ୱ ଗ୍ରହଣ କରିନଥିବାରୁ ସେ ଏଠାକୁ ଆସିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡ଼ିଛି। ଉଭୟ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବାରୁ ବହୁ କାର୍ଯ୍ୟ ସମ୍ପାଦନରେ ସମସ୍ୟା ସୃଷ୍ଟି ହେଉଥିବାରୁ ଡାକ୍ତରଖାନା ଅଧୀକ୍ଷକଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏନେଇ ଚିଠି ଲେଖି ଅବଗତ କରାଯାଇଥିବା ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ ସୂଚନା ଦେଇଛନ୍ତି।

